ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.127 Bhubaneswar Saturday June 24 2023 | ୨୬ତମ ବର୍ଷ ସଂଖ୍ୟା-୧୨୭ ଭୁବନେଶ୍ୱର, ଶନିବାର, ଜୁନ ୨୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ୬୨ ଜଣ ନିଟ୍ ଛାତ୍ରଛାତ୍ରୀଙ୍କୁ ମଧୁବାବୁ ମେଧା ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଗଲା : ମଧୁ ଓଡ଼ିଆ ସେନା







ବ୍ୟାସନଗର, ୨୩।୬(ପି.ଏନ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମଧୁ ଓଡ଼ିଆ ସେନା ପକ୍ଷରୁ ଗତକାଲି ସନ୍ତରା ଛକ ସଂସ୍କୃତି ଭବନ ପରିସରରେ ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ୬୨ ଜଣ ନିଟ୍ ଯୁକ୍ତି ଛାତ୍ରଛାତ୍ରୀ ମାନଙ୍କୁ ମଧୁବାବୁ ମେଧା ସେବା ସମ୍ମାନ ରେ ମାନପତ୍ର, ଟ୍ରଫି ଓ ମଧୁବାବୁଙ୍କ ପୁସ୍ତକ ଦ୍ୱାରା ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ରାଜ୍ୟ ସଭାପତି ଶ୍ରୀଯୁକ୍ତ ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଉଦ୍‌ଘାଟକ ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀ ମାନେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜର ଦକ୍ଷତାର ସଦବିନିଯୋଗ କଲେ ନିଜର ଓ ସମାଜର ହିତ ସାଧନ ହୋଇପାରିବ ବୋଲି ଶ୍ରୀଯୁକ୍ତ ଘଡ଼େଇ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ରୂପେ ବିଶିଷ୍ଟ ଡାକ୍ତର ଗଙ୍ଗାଧର ସାହୁ ଯୋଗ ଦେଇ ପିଲାମାନଙ୍କୁ ୭ ଟି ବର୍ଣ୍ଣ ଉପରେ ଡାକ୍ତରୀ ସେବା କିପରି ନିର୍ଭର କରେ ତାହାକୁ ପ୍ରାଞ୍ଜଳ ଭାବେ ବଖାଣି ଥିଲେ । ଦୈନିକ ଖବର କାଗଜ 'ପର୍ଯ୍ୟବେକ୍ଷକ' ଓ ଦି କଳିଙ୍ଗ କ୍ରୋନିକିଲର ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜରେ ଡାକ୍ତର ମାନେ ଦ୍ୱିତୀୟ ଭଗବାନ ସଦୃଶ ବୋଲି କହିଥିଲେ ଓ ୨ ୟ ଶ୍ରେଣୀର ଭଗବାନ ମାନେ ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚାଇବା ବେଳେ ସମର୍ପିତ ହୋଇ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଡାକ୍ତର ସତ୍ୟ ପ୍ରକାଶ ଧଳ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇ ଡାକ୍ତର ମାନେ ଅନ୍ୟୁନ ୧୪ ବର୍ଷ ବନବାସ ପରି କଠିନ ପରିଶ୍ରମ ଓ ତ୍ୟାଗୀ ହୋଇ ନିଜର ବୃତ୍ତି ରେ ସିଦ୍ଧି ପ୍ରାପ୍ତି କରିବାକୁ ଉପଦେଶ ଦେଇଥିଲେ । ବିଶିଷ୍ଟ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଦାସ ଯୋଗ ଦେଇ ଅନୁଷ୍ଠାନର ଏହିପରି ପ୍ରତିଭା କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହ ଭବିଷ୍ୟତର ଡାକ୍ତର ମାନେ ନିଜର ସାଧନା ଓ ସେବା ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ପୂଜ୍ୟପୂଜା ପ୍ରତିଭା ପରିଷଦର ଯାଜପୁର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଭୁବନ ମୋହନ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ସର୍ବଶ୍ରି ବିଜୟ କୁମାର ବୋଇତେଇ, ଆଇନଜୀବୀ ଚନ୍ଦ୍ରକାନ୍ତ ଖଣ୍ଡେଇ, ରଞ୍ଜିତ କୁମାର ପ୍ରଧାନ, ଅନିଲ କୁମାର ମହାନ୍ତି, ଅନିଲ କୁମାର ଜେନା, ବସନ୍ତ କୁମାର ଦାସ, ଗୋପୀନାଥ ପଲେଇ ସଞ୍ଚାଳନ କରିଥିବା ବେଳେ ଅନନ୍ତ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମହା ବୈଠକରେ ପରେ ଏକାଠି ଥିବା କହିଲେ ବିରୋଧୀ, ତଥାପି ରହିଲା କେଁ



ଭୁବନେଶ୍ୱର, ୨୩।୬(ପି.ଏନ): ବିଜେପି ବିରୋଧରେ ଏକାଠି ଲଢ଼ିବା ପାଇଁ ଅଣ୍ଟା ଭିଡିଥିବା ବିରୋଧୀ ଦଳ ଗୁଡିକ ଆଜି ବିହାରର ରାଜଧାନୀ ପାଟନାରେ ମହା ବୈଠକ କରିଛନ୍ତି। ୪ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ୧୭ଟି ଦଳର ନେତା ଯୋଗ ଦେଇଥିଲେ। ବୈଠକ ବେଳେ ଦିଲ୍ଲୀ ଅଧ୍ୟାଦେଶକୁ ନେଇ ଆପ୍ ଓ କଂଗ୍ରେସ ମଧ୍ୟରେ କଥା କଟାକଟି ହୋଇଥିବା ଜଣାପଡିଛି।ତଥାପି ମହା ବୈଠକ ପରେ ବିରୋଧୀ ଦଳଗୁଡିକ ଏକାଠି ନିର୍ବାଚନ ଲଢ଼ିବାକୁ ରାଜି ଥିବା କହିଛନ୍ତି। ହେଲେ ଏଥିରେ କେଁ ରହିଛି। ତେଣୁ ଚୂଡାନ୍ତ ରଣନୀତି ପ୍ରସ୍ତୁତ କରିବା ପାଇଁ ଆସନ୍ତାମାସରେ ପୁଣି ଗୋଟିଏ ବୈଠକ ହେବ। ଏଥର ପାଟନାରେ ବୈଠକ ହୋଇଥିବା ବେଳେ ଆସନ୍ତା ମାସରେ ହିମାଚଳ ପ୍ରଦେଶର ଶିମଲାରେ ମାନସମନ୍ଥନ ହେବ ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି।ବୈଠକ ପରେ ହୋଇଥିବା ମିଳିତ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧି, ମମତା ବାନାର୍ଜୀଙ୍କ ସମେତ ୧୫ଟି ଦଳର ନେତା ରହିଥିଲେ। କିନ୍ତୁ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ନଥିଲେ। ସେମାନଙ୍କ ଅନୁପସ୍ଥିତିରେ ସମ୍ପର୍କରେ ପଚରା ଯିବାରୁ ବିମାନ ସମୟ ହୋଇଯାଇଥିବାରୁ ଉଭୟ ଚାଲି ଯାଇଥିବା ନୀତିଶ କୁମାର କହିଛନ୍ତି।

## ଉପଜିଲ୍ଲାପାଳଙ୍କ ଘରେ ଟଙ୍କାର ପାହାଡ଼ ; ଘରୁ ମିଳିଲା ୨ କୋଟି ୯୧ ଲକ୍ଷ ନଗଦ କ୍ୟାସ୍

ନବରଙ୍ଗପୁର, ୨୩।୬(ପି.ଏନ): ଭିଜିଲାନ୍ସ ଜାଲରେ ବଡ଼ ବାବୁ । ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ଘରେ ବିଡା ବିଡା ଟଙ୍କା । ପେଟି ଖୋଲୁଛି ଟଙ୍କା ବାହାରୁଛି । ବାବୁଙ୍କର ଏକାଧିକ ବେନାମି ଆକାଉଣ୍ଟ ଥିଲା । ଏଥିରେ ସେ ଅନେକ ଥର ଟଙ୍କା ଡିପୋଜିଟ କରିଛନ୍ତି । ଆଜି ଗୋଟିଏ ବ୍ୟାଙ୍କର ପାସବୁକ, ଏଟିଏମ ଜବତ କରିଛି ଭିଜିଲାନ୍ସ । ସେହି ଆକାଉଣ୍ଟରେ ୨୦୧୯ରୁ ଏପର୍ଯ୍ୟନ୍ତ ୨୬ ଲକ୍ଷ ୨୭ ହଜାର ଟଙ୍କା ଡିପୋଜିଟ କରିଥିଲେ ପ୍ରଶାନ୍ତ ରାଉତ । ନବରଙ୍ଗପୁର ଏବଂ ଭୁବନେଶ୍ୱରରେ ଚଢାଉ ବେଳେ ଜବତ ହୋଇଥିବା ଟଙ୍କାର ମୁଲ୍ୟ ୨ କୋଟି ୯୧ ଲକ୍ଷ ୯୩ ହଜାର ୮୦୦ ଟଙ୍କା ବୋଲି ଭିଜିଲାନ୍ସ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ଭୋରରୁ ୯ଟି ସ୍ଥାନରେ ରେଡ ହୋଇଥିଲା । ରାତି ୧୦ଟାରେ ବାହିରିଥିଲେ ୯ ଜଣିଆ ଟିମ । ଟିମରେ ଥିଲେ ୪୦ ଜଣ ଅଫିସର ।ପୈତୃକ ବାସଭବନ ଭଦ୍ରକର ବାହୁଦରଡା ଓ ନବରଙ୍ଗପୁରର ଦୁଇଟି ସରକାରୀ ବାସବଭନରୁ ୯୦ ଲକ୍ଷ ଟଙ୍କା ମିଳିଛି । ଗୋଟିଏ ଘରୁ ୭୭ ଲକ୍ଷ ମିଳିଥିବା ବେଳେ ଆଉ ଗୋଟିଏ ଘରର ଲକରରୁ ପ୍ରାୟ ୧୩ ଲକ୍ଷ ଟଙ୍କା ମିଳିଛି । ସେଠି ବି ଟଙ୍କା ଗଣି ଗଣିଆ ହାଲିଆ ଅଧିକାରୀ । ବାବୁ ଜଣଙ୍କ ଅଭ୍ୟାସଗତ ଲାଞ୍ଚଖୋର । ଚାକିରି କଲା ଦିନରୁ ଦୁର୍ନିତିରେ ବୁଡି ରହିଛନ୍ତି । ୨୦୧୦ରେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଥିଲେ । ୨୦୧୮ରେ ବି ସୁନ୍ଦରଗଡ ବିଶ୍ରା ବ୍ଲକରେ ବିଡିଓ ଥିବା ବେଳେ ଏକ ଲକ୍ଷ ଟଙ୍କା ଲାଞ୍ଚ ନେଇ ଜେଲ ଯାଇଥିଲେ । ତଥାପି ସୁଧୁରିନଥିଲେ ଉପଜିଲ୍ଲାପାଳ ପ୍ରଶାନ୍ତ ରାଉତ । ଭିଜିଲାନ୍ସ ଏବେ ତାଙ୍କ କ୍ୟାରିୟରର ଟ୍ରାକ ରେକର୍ଡକୁ ଯାଞ୍ଚ କରୁଛି ।

### ଆସନ୍ତାକାଲି ହେରା ପଚଂମୀ, ନନ୍ଦିଘୋଷ ରଥ ଭାଙ୍ଗିବେ ମହାଲକ୍ଷ୍ମୀ

ପୁରୀ, ୨୩।୬(ପି.ଏନ):- ରଥ ଯାତ୍ରାର ପଚଂମ ଦିବସରେ ଆସନ୍ତାକାଲି ହେରାପଚଂମୀ ଅନୁଷ୍ଠିତ ହେବ । ବଡଭାଇ ଶ୍ରୀ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ପ୍ରଭୁ ଶ୍ରୀ ଜଗନ୍ନାଥ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଛନ୍ତି । ରଥଯାତ୍ରାରେ ମା ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇନଥିବାରୁ ସେ ରାଗରେ ଜର୍ଜରିତ ହୋଇ ନନ୍ଦିଘୋଷ ରଥ ଭାଙ୍ଗିବେ । ମା ବିମଳାଙ୍କ ପରାମର୍ଶ କ୍ରମେ ମହାଲକ୍ଷ୍ମୀ ସଂନ୍ଧ୍ୟା ସମୟରେ ଶ୍ରୀମନ୍ଦିରରୁ ବିମାନ ଯୋଗେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ। ଗୁଣ୍ଡିଚା ମନ୍ଦିର ଜଗମୋହନରେ ମା ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରୁଥିବା ସମୟରେ ହଠାତ୍ କବାଟ ପଡିଯିବ । ଏଥିରେ ଅଭିମାନ କରି ମା ମହାଲକ୍ଷ୍ମୀ ନାକଚଣା ଦ୍ୱାର ଦେଇ ନନ୍ଦିଘୋଷ ରଥ ନିକଟକୁ ଆସି ରଥର କିଛି ଅଂଶ ଭାଙ୍ଗି ହେରାଗୋହିରୀ ସାହି ବାଟେ ଶ୍ରୀମନ୍ଦିରକୁ ଫେରିବେ । ଏହା ପରେ ପରେ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହେବ। ତିନି ରଥକୁ ଦକ୍ଷିଣ ମୋଡ କରାଯାଇ ନାକଚଣା ଦ୍ୱାର ଠାରେ ରଖାଯିବ।

## ଭବାନୀପାଟଣା ଜନସଭାରେ ନବୀନ ସରକାର ଉପରେ ବର୍ଷିଲେ ନଡ୍ଡା

ଭବାନୀପାଟଣା/ଭୁବନେଶ୍ୱର, ୨୩।୬(ପି.ଏନ): ଓଡ଼ିଶାରେ ଦୀର୍ଘ ୨୩ବର୍ଷ ଧରି ଚାଲିଛି ଭ୍ରଷ୍ଟାଚାରୀ ସରକାର। କେନ୍ଦ୍ର ସରକାର ଓଡିଶାକୁ କୋଟି କୋଟି ଟଙ୍କା ସହାୟତା ଯୋଗାଇ ଦେଉଛନ୍ତି ଅଥଚ ତାହାକୁ ରାଜ୍ୟ ସରକାର ବାଟମାରଣା କରିବା ସହ ଖର୍ଚ୍ଚ ନକରି ଓଡ଼ିଶାକୁ ଗରୀବ କରି ଚାଲିଛନ୍ତି। ଓଡ଼ିଶାରେ ଶାସନ କିଏ ଚଳାଉଛି ? ଅଫିସର ନା ନେତା ? କାହା ଇଙ୍ଗିତରେ ଓଡ଼ିଶାର ଶାସନ ଚାଲିଛି ? ବିରୋଧୀଙ୍କ କଥା ଛାଡନ୍ତୁ ଏଠି ଶାସକ ବିଜେଡିର ବିଧାୟକ ଓ ସାଂସଦମାନଙ୍କ କଥା ମଧ କେହି ଶୁଣନ୍ତି ନାହିଁ। ଅଫିସରମାନେ ଓଡ଼ିଶାରେ ରାଜ୍ କରୁଛନ୍ତି। ଶାସକ ଦଳର ନେତା, ମନ୍ତ୍ରୀ ଓ ବିଧାୟକ ୟେସ୍ ୟେସ୍ କହି ସମସ୍ତ କଥାକୁ ସମର୍ଥନ କରୁଛନ୍ତି। ରାଜ୍ୟ ଶାସନ ବ୍ୟବସ୍ଥା ଏବେ ଆଉଟ ସୋର୍ସିଂରେ ଚାଲିଛି। ନବୀନ ପଟ୍ଟନାୟକ କିମ୍ବା ନିର୍ବାଚିତ ଦଳୀୟ ନେତା ସରକାର ଚଳାଉ ନାହାନ୍ତି। ଜନତା ଭୋଟ କାହାକୁ ଦେଇଛନ୍ତି, ଅଥଚ ସରକାର ଆଉ କିଏ ଚଳାଉଛି ! ମୁଖ୍ୟମନ୍ତ୍ରୀ ନିଜ ଦାୟିତ୍ୱ ନିର୍ବାହ କରିବାରେ ଅସମର୍ଥ ହେତୁ ଜଣେ ଅଧିକାରୀଙ୍କୁ ଠିକାରେ ରଖି ସରକାର ଚଳାଉଛନ୍ତି। ଏଭଳି ସରକାର ଦରକାର ନାହିଁ ବୋଲି ଭବାନିପାଟଣା ମହା ଜନସମ୍ପର୍କ ଅଭିଯାନ ସମାବେଶରେ ରାଷ୍ଟ୍ରୀୟ ଅଧକ୍ଷ ଜଗତ ପ୍ରକାଶ ନଡ୍ଡା ଅତ୍ୟନ୍ତ କଠୋରଭାବେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଆଜି ପୂର୍ବାହ୍ନରେ ପ୍ରଥମେ ଶ୍ରୀ ନଡ୍ଡା ଭବାନିପାଟଣାର ଅଧିଷ୍ଠାତ୍ରୀ ଦେବୀ ମାଣିକେଶ୍ୱରୀଙ୍କ ଦର୍ଶନ କରି ଆର୍ଶୀବାଦ ନେବା ସହ ମୋଦି ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ୯ବର୍ଷ ପୂର୍ତ୍ତି ଅବସରରେ ବିଶାଳ ଜନସମାବେଶରେ "ଜୟ ଜଗନ୍ନାଥ"ର ଭାବଗମ୍ଭୀର ଧ୍ୱନି ଦେଇ ଏବେ ବିଜେଡିର ପତନର ସମୟ ଆସିଗଲାଣି ବୋଲି ଦୃଢ଼ କଣ୍ଠରେ କହିଛନ୍ତି। ଆଗାମୀ ଦିନରେ ଦିଲ୍ଲୀରେ ପୁଣି ଥରେ ବିଜେପି ସରକାର ଗଠନ କରିବା ସହିତ ଓଡ଼ିଶାରେ ମଧ ବିଜେପି ସରକାର ଗଠନ କରିବ। ଓଡ଼ିଶାବାସୀ ଚାହୁଁଛନ୍ତି ଓଡ଼ିଶାରେ ଡବଲଇଞ୍ଜନ ସରକାର ହେବ। ଏଭଳି ଭ୍ରଷ୍ଟାଚାରୀ, ଅପାରଗ ଓ ଠିକାରେ ଚାଲୁଥିବା ସରକାରକୁ ୨୦୨୪ରେ ଓଡ଼ିଶାବାସୀ ପ୍ରତ୍ୟାଖ୍ୟାନ କରିବେ। ନବୀନ ବାବୁ ଦୀର୍ଘଦିନ ଶାସନ ଗାଦିରେ ରହିଥିଲେ ବି ଏଯାଏ ମୁଣ୍ଡ ପିଛା ଆୟରେ ଓଡ଼ିଶା ସବୁଠୁ କମ, ଚାଷୀଙ୍କ ଆୟ ବି ଓଡ଼ିଶାରେ କମ୍ ହେବା ସହ ମହିଳା ବିରୋଧୀରେ ଓଡ଼ିଶା ୧ନମ୍ବର। ଏବେ ୫୦-୫୦ ପିସିରେ ଚାଲିଛି ଓଡିଶା ସରକାର। ଓଡ଼ିଶାର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର କରିବାକୁ ନବୀନ ବାବୁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କଲେ ନାହିଁ। ଏହି ଅବସରରେ ଦଳର ପୂର୍ବତନ ରାଜ୍ୟ ସଭାପତି ତଥା କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ମଂଚରେ ଉତରୀୟ ପ୍ରଦାନ କରି ଶ୍ରୀ ନଡ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଏବେ ଭାରତ ବିକାଶଶୀଳ ଦେଶ ନୁହେଁ, ବିକଶିତ ରାଷ୍ଟ୍ର ହେବ। ପ୍ରଧାନମନ୍ତ୍ରୀ ଆମେରିକାରେ ବିଶ୍ୱର ସମସ୍ତ ବିଶିଷ୍ଟ ନେତାମାନଙ୍କୁ ଭେଟିଛନ୍ତି। ମୋଦିଙ୍କ ନେତୃତ୍ୱ ଦେଶକୁ ନୂଆ ଦିଶା ଦେଇଛି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମୋଦିଙ୍କୁ "ବସ୍" ବୋଲି ସମ୍ବୋଧିତ କରିବା ସହ ସମଗ୍ର ବିଶ୍ୱର ରାଷ୍ଟ୍ରସମୂହ ମୋଦିଙ୍କୁ ସମ୍ମାନିତ କରୁଛନ୍ତି । ସବୁଠି ମୋଦିଜୀଙ୍କ ପ୍ରଶଂସାକୁ କଂଗ୍ରେସ ନେତାଙ୍କୁ ଅସହ୍ୟ ହେଉଛି। କେହି କେହି ମୋଦିଙ୍କୁ ସାପ, ବିଛା, ନୀଚ, ଅନପଡ, ଚା ବାଲା ବୋଲି କହୁଛନ୍ତି ହେଲେ ଯାହା କହିଲେ ବି କିଛି ବି ଫରକ ପଡିବ ନାହିଁ ବୋଲି ଶ୍ରୀ ନଡ୍ଡା କହିଛନ୍ତି।୧୪୦କୋଟି ଭାରତୀୟଙ୍କ ଭଲ ପାଇବା ମୋଦିଙ୍କ ସହ ଅଛି। ଆଜି ବିହାରର ପାଟଣାଠାରେ ସମସ୍ତ ବିରୋଧୀ ଏକାଠି ହୋଇଛନ୍ତି। କହିବା ବାହୁଲ୍ୟ ଯେ, ଯେଉଁ ଲାଲୁ ପ୍ରସାଦ ଯାଦବ ଓ ନୀତିଶ କୁମାରଙ୍କୁ କଂଗ୍ରେସ ଜେଲ ପଠାଇଥିଲା ସେମାନେ ଆଜି କଂଗ୍ରେସ ଗୁଣଗାନ କରୁଛନ୍ତି। ଭୋଟ ବ୍ୟାଙ୍କ ରାଜନୀତିରୁ ବାହାରି ବିଜେପି କିନ୍ତୁ ରିପୋର୍ଟ କାର୍ଡକୁ ଲୋକଙ୍କ ପାଖକୁ ନେଇକି ଯାଉଛି।

## ନବୀନ ସରକାରରେ ୨.୧୦ଲକ୍ଷ ହେକ୍ଟର ଜମିର ମାଲିକାନା ହରାଇଛନ୍ତି ଆଦିବାସୀ, ସିଏଜିଙ୍କ ଉଦବେଗ



ଭୁବନେଶ୍ୱର, ୨୩।୬(ପି.ଏନ): ଆଦିବାସୀଙ୍କ ସ୍ୱାର୍ଥ,ସୁରକ୍ଷା ଓ ବିକାଶ ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଉଛି ବୋଲି ଦମ୍ଭୋକ୍ତି ବା ?ଥିବା ରାଜ୍ୟର କ୍ଷମତାସୀନ ନବୀନ ପଟ୍ଟନାୟକ ସରକାରରେ ଆଦିବାସୀମାନେ ୨.୧୦ଲକ୍ଷ ହେକ୍ଟର ଜମି ଉପରୁ ନିଜର ମାଲିକାନା ସତ୍ୱ ହରାଇଛନ୍ତି । ୨୦୦୫-୦୬ରୁ ୨୦୧୫-୧୬ ମସିହା ମଧ୍ୟରେ ରାଜ୍ୟର ଆଦିବାସୀଙ୍କ ଜମି ପରିମାଣ ୧୭.୪୮ଲକ୍ଷ ହେକ୍ଟରରୁ ହ୍ରାସ ପାଇ ୧୫.୩୮ଲକ୍ଷ ହେକ୍ଟରରେ ରହିଛି । ଏପରିକି ଆଦବାସୀଙ୍କ ଜମିର ହିସାବ ସରକାରୀ ଭାବେ ଜିଲ୍ଲା ଓ ତହସିଲସ୍ତରରେ ବି ରଖିବାକୁ ରାଜ୍ୟ ସରକାର ଆଗ୍ରହ ଦେଖାଇନାହାନ୍ତି । ସିଏଜି ଏସବୁ ଦିଗକୁ ଦର୍ଶାଇବା ସହ ନିଜର ଚିଠା ଅଡିଟ୍ ରିପୋର୍ଟରେ ଉଦବେଗ ପ୍ରକାଶ କରିଛନ୍ତି । ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ବିଜେଡି ସମେତ ବିଭିନ୍ନ ଦଳ ଏବେ ରାଜ୍ୟର ଆଦିବାସୀ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରୟାସ ଜାରି ରଖିଥିବାବେଳେ ସିଏଜିଙ୍କ ଚିଠା ଅଡିଟ୍ ରିପୋର୍ଟ ନବୀନ ପଟ୍ଟନାୟକ ସରକାରର ଆଦିବାସୀ ପ୍ରୀତିର ନଗ୍ନ ଚିତ୍ରକୁ ପଦାରେ ପକାଇ ଦେଇଛି । ସିଏଜିଙ୍କ ଚିଠା ଅଡିଟ୍ ରିପୋର୍ଟ ଅନୁସାରେ ୨୦୦୫-୦୬ରୁ ୨୦୧୫-୧୬ ମସିହା ମଧ୍ୟରେ ମୋଟ କୃଷି ଜମି ପରିମାଣ ୫୦.୧୯ଲକ୍ଷ ହେକ୍ଟରରୁ ୪୬.୧୯ଲକ୍ଷ ହେକ୍ଟରକୁ ହ୍ରାସ ପାଇଛି । ତେବେ ଏହି ଅବଧି ମଧ୍ୟରେ ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ବର୍ଗର ଲୋକଙ୍କ ଜମି ପରିମାଣ ବୃଦ୍ଧି ପାଇଥିବାବେଳେ ଆଦିବାସୀ ବର୍ଗର ଲୋକଙ୍କ ଜମି ମାଲିକାନାରେ ପ୍ରାୟ ୧୨ ପ୍ରତିଶତ ହ୍ରାସ ହୋଇଛି । ଅର୍ଥାତ୍ ୨୦୦୫-୦୬ରୁ ୨୦୧୫-୧୬ ମସିହା ମଧ୍ୟରେ ମୋଟ ୨.୧୦ଲକ୍ଷ ହେକ୍ଟର ଜମି ଉପରୁ ଆଦିବାସୀମାନେ ନିଜର ମାଲିକାନା ହରାଇ ବସିଛନ୍ତି । ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ମୋଟ ୯୫.୯୧ଲକ୍ଷ ଆଦିବାସୀ ଲୋକ(ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫%) ଥିବାବେଳେ ସେମାନଙ୍କ ମଧ୍ୟରେ ୧୩ଟି ଆଦିମ ଜନଜାତିଙ୍କୁ ମିଶାଇ ମୋଟ ୬୨ଟି ସମୁଦାୟର ଲୋକେ ଅଛନ୍ତି । ରାଜ୍ୟର ମୋଟ ୩୧୪ଟି ବ୍ଲକ ମଧ୍ୟରୁ ୧୧୯ଟି ବ୍ଲକ ସିଡ୍ୟୁଲ ଏରିଆ ଭାବେ ଚିହ୍ନଟ ହୋଇଛି । ୨୦୨୨ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୪୪.୭୦% ଅଂଚଳ ସିଡ୍ୟୁଲ ଏରିଆରେ ରହିଛି । ତେବେ ଆଶ୍ଚର୍ଯ୍ୟର କଥା ଜିଲ୍ଲା ଓ ତହସିଲସ୍ତରରେ ଆଦିବାସୀଙ୍କ ଜମି ସଂକ୍ରାନ୍ତୀୟ ତଥ୍ୟର ହିସାବ ରଖିବା ଦିଗରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ କିମ୍ବା ଅନୁସୂଚିତ ଜାତି ଓ ଜନଜାତି ବିଭାଗ କିମ୍ବା ସମ୍ପୃକ୍ତ ତହସିଲରେ ନାହିଁ ବୋଲି ସିଏଜି ଉଲ୍ଲେଖ କରିଛନ୍ତି ।

## ୪ ଦିନ ପ୍ରବଳ ବର୍ଷିବ ! ସତର୍କ କଲା ପାଣିପାଗ ବିଭାଗ



ଭୁବନେଶ୍ୱର, ୨୪।୬(ପି.ଏନ):ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି ସମ୍ପୂର୍ଣ୍ଣ ଓଡିଶାକୁ ଅଗ୍ରସର ହୋଇଛି। ଯେଉଁଥିପାଇଁ ରାଜ୍ୟରେ ବର୍ଷା ଲାଗି ରହିଛି। ବୋଝ ଉପରରେ ଲଳିତା ବିଡା ପରି ମୌସୁମୀ ବାୟୁ ଆସିଥିବା ବେଳେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଓଡିଶା ଉପକୂଳରେ ଗୋଟିଏ ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇଛି। ଯାହାର ପ୍ରଭାବରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜରି କରିଥିବା ବୁଲେଟିନ୍ ? ଅନୁସାରେ ଆସନ୍ତାକାଲି ଅର୍ଥାତ ୨୪ ତାରିଖରେ କଟକ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

# ଦୁଇଟି ପର୍ଯ୍ୟାୟରେ ନନ୍ଦନକାନନର ହେବ ରୂପାନ୍ତର



ଭୁବନେଶ୍ୱର, ୨୩।୬(ପି.ଏନ): ନନ୍ଦନକାନନର ହେବ ରୂପାନ୍ତର। ୫-ଟି ଉପକ୍ରମରେ ଏହାକୁ ଏକ ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନ ଭାବେ ଏହାର ରୂପାନ୍ତର କରାଯିବ। ଚୂଡଙ୍ଗ ଜଙ୍ଗଲ ଅଂଚଳକୁ ଏଥିରେ ସାମିଲ କରାଯିବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ରାଜ୍ୟ ବନ ବିଭାଗ ପକ୍ଷରୁ ନନ୍ଦନକାନନର ରୂପାନ୍ତର ପାଇଁ ଏକ ଉପସ୍ଥାପନା ରଖାଯାଇଥିଲା। ଏଥିରେ ନନ୍ଦନକାନନର କାୟାରେ ପରିବର୍ତନ ପାଇଁ ଏକ ବିସ୍ତୃତ ଓ ଭବିଷ୍ୟମୁଖୀ ପ୍ରସ୍ତାବ ରଖାଯାଇଛି । ଏ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେବା ସହିତ ନନ୍ଦନକାନନରେ ପ୍ଲାଷ୍ଟିକର ବ୍ୟବହାର ସଂପୂର୍ଣ୍ଣ ନିଷେଧ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ସଂପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗତ ମଇ ୨୩ ତାରିଖରେ ଜଙ୍ଗଲ ବିଭାଗ ସମୀକ୍ଷା ସମୟରେ ନନ୍ଦନକାନନର ରୂପାନ୍ତର ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ନୂଆ ଯୋଜନାରେ ପରିଦର୍ଶକ ମାନଙ୍କ ପାଇଁ ଅତିରିକ୍ତ ଉନ୍ନତ ସୁବିଧା, ଆଧୁନିକ ଫ୍ରଂଟେଜ ଓ ଲ୍ୟାଣ୍ଡସ୍କେପିଂ, ଟନେଲ ଆକ୍ୱାରିଅମ, ୱାଟର ବାର୍ଡ ଆଭିଆରୀ ଦେଶ ବିଦେଶରୁ ନୂତନ ପ୍ରାଣୀ, ଇମ୍ପ୍ରେସିଭ୍ ଏନକ୍ଲୋଜର ଓ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷାର ଏକ ସ୍ୱତନ୍ତ୍ର ହବ୍ ଭାବରେ ବିକାଶ କରିବା ପାଇଁ ବ୍ୟବସ୍ଥା ରହିଛି। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ରୂପାନ୍ତର କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ୨୦୨୩ରୁ ୨୦୨୫ ଓ ଦ୍ୱିତୀୟ ପର୍ଯ୍ୟାୟ ୨୦୨୫ ରୁ ୨୦୨୮ ମଧ୍ୟରେ କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନର ବିକାଶ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଚୂଡଙ୍ଗ ଜଙ୍ଗଲ ଅଂଚଳର ବିକାଶ କରାଯିବ । ଏଥିରେ ରାତ୍ରୀ ସଫାରୀ ଓ ସଫାରୀ କମ୍ପଲେକ୍ସର ବିକାଶ କରାଯିବ। ନନ୍ଦନକାନନକୁ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷା ଉପରେ ଏକ ଆକର୍ଷଣୀୟ ହବ୍ ଭାବରେ ବିକାଶ କରିବା ପାଇଁ ଯୋଜନା ରହିଛି । ଏଥିରେ ଆକ୍ଟିଭିଟି ଭିତିକ ପ୍ରାଣୀ ଉଦ୍ୟାନ, ପ୍ରକୃତି ଶିକ୍ଷା ସହିତ କେତେକ ସ୍ୱତନ୍ତ୍ର ସ୍କୁଲରେ 'ନନ୍ଦନକାନନ କ୍ଲବ' ଓ 'ଜୁ ଆମ୍ବାସାଡର' ଆଦି କାର୍ଯ୍ୟକ୍ରମ ରହିଛି। ଏହାସହିତ ସିଟିଜେନ୍ ସାଇନ୍ସ, ନୋ ୟୋର ଟ୍ରି ଆଦି ବିଭିନ୍ନ ଆକ୍ଟିଭିଟି କରାଯିବ। ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଇଂଟର୍ନସିଭ ଓ ଜୁ ଭଲ୍ୟୁଂଟିଅର ଆଦି କାର୍ଯ୍ୟକ୍ରମ କରାଯିବ। ସୂଚନାଯୋଗ୍ୟ ଯେ ବର୍ତମାନ ନନ୍ଦନକାନନରେ ୪୮ଟି ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୭୭ଟି ପ୍ରଜାତିର ପକ୍ଷୀ, ୩୦ଟି ପ୍ରଜାତିର ସରୀସୃପ ଓ ୬ଟି ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି। ସମୁଦାୟ ୧୬୧ ପ୍ରଜାତିର ୪୦୧୨ଟି ପ୍ରାଣୀ ଅଛନ୍ତି । ବର୍ତମାନ ଦେଶ ବିଦେଶର ବିଭିନ୍ନ ସ୍ଥାନରୁ ଅଧିକ ପ୍ରାଣୀ ଆଣିବା ପାଇଁ ଯୋଜନା କରାଯାଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ନନ୍ଦନକାନନର ନିର୍ଦ୍ଦେଶକ ଉପସ୍ଥାପନା ରଖିଥିଲେ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ । କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି । ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ । ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍ । ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି । ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର । ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ । କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍ । ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି । ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍ । ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ । ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି । ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି । ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ । ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି । ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ । ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ । ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି । ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି । ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି । ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ । ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି । ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି ।

## ଫଟୋସପ୍‌ର କମାଲ୍

ଥିଓଡର । ତା’ବୟସ ମାତ୍ର ୧୦ ମାସ । ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ । କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ । ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ । ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍ । ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ । ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ । ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି ।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ । ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି । ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି । ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ । ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ । ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ । ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ । ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ । ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ । ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ । ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି । ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ । ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ । ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି ।

## ଆଜିର ଭାଗ୍ୟ



ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।



ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।



କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।



ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ବାୟୋଫ୍ଲକ ଖାଦ୍ୟ ଜରିଆରେ ସାମୁଦ୍ରିକ ଚିଙ୍ଗୁଡ଼ିର ପୋଷଣ ସନ୍ତୁଳନ

ପ୍ରାଣୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ନାଇଟ୍ରୋଜେନ ମୁଖ୍ୟତଃ ଅମିନୋ ଏସିଡ୍ ଦ୍ୱାରା ଗଠିତ ହୋଇଥାଏ ଯାହାକି ପ୍ରୋଟିନ୍ ଓ ବାୟୋମାସରସନ୍ତୁଳନରେ ସାହାଯ୍ୟ କରେ । ବୈଜ୍ଞାନିକ କାରଣ ଦର୍ଶାଇଛନ୍ତି ଯେ ବାୟୋଫ୍ଲକ ମୁଖ୍ୟତଃ ପ୍ରୋଟିନ୍, କାର୍ବୋହାଇଡ୍ରାଟେ ଏବଂ ଜୀବାଣୁରେ ଗଠିତ ହୋଇଥାଏ ଯାହାକି ଜଳଗୀବ ମାନଙ୍କର ଏକ ପ୍ରମୁଖ ଖାଦ୍ୟ । । ୟୋଫ୍ଲୋକରେ ମୁଖ୍ୟତଃ ଫ୍ୟାଟି ଏସିଡ୍ ଥାଏ ଯାହାକି ଚିଙ୍ଗୁଡ଼ି ମାନଙ୍କର ପୋଷକତ୍ତ୍ୱ ଗ୍ରହଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଚିଙ୍ଗୁଡ଼ିମାନଙ୍କର ଅନ୍ତର୍ଦେଶୀୟ ବିଭାଜନରେ ବାୟୋଫ୍ଲୋକ ପ୍ରଯୁକ୍ତି ବିଦ୍ୟା ମୁଖ୍ୟତଃ ନାଇଟ୍ରୋଜେନ ଓ ଫସଫରସ୍ ଯଥାକ୍ରମେ ୭୦ ଓ ୬୬ ଶତକଡ଼ା ବଢ଼ାଇ ଥାଏ । ଏଡି ସିର ପରିମାଣ କମିବା ସହିତ ପୋଷକତ୍ତ୍ୱ ମାନଙ୍କର ଆବଶ୍ୟକତା ମଧ୍ୟ କମିଥାଏ । ଏହା ପ୍ରଥମେ ବୈଜ୍ଞାନିକ ମାନଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା । ଏଥିସହିତ ବାୟୋଫ୍ଲୋକ କାର୍ବନ ଓ ନାଇଟ୍ରୋଜେନର ସନ୍ତୁଳିତ ଆଧାରକୁ ପ୍ରାଧାନ୍ୟ ଦେଇଥାଏ । ବାୟୋଫ୍ଲୋକ ମୁଖ୍ୟତଃ ବିଭିନ୍ନ ଅମିନୋଆସିଡ୍ ଯେପରିକି ମ୍ୟୁରାମିକ ଏସିଡ୍ ଫାଇଟୋଷ୍ଟେରୋଲ ଆଦି ଧାରଣ କରିଥାଏ । ଏହି ସକ୍ରିୟ ଉପାଦାନ ଗୁଡ଼ିକ ଜଳଜୀବ ମାନଙ୍କର ବୃଦ୍ଧି ଘଟାଇଥାଏ । ଏଥି ସହିତ ଏହା ମଧ୍ୟ ସାମୁଦ୍ରିକ ଚିଙ୍ଗୁଡ଼ି ମାନଙ୍କର ଉତ୍ତମ ଗୁଣବତା ରକ୍ଷା କରେ । ଏହି ଉପାଦାନ ଗୁଡ଼ିକ ଉତ୍ତମ ପ୍ରକ୍ରିୟାରେ ସାହାଯ୍ୟ କରୁଥିବା ଏଞ୍ଜାଇମ୍ ଗୁଡ଼ିକୁ ସକ୍ରିୟ କରିବା ସହିତ କୋଷଗୁଡ଼ିକୁ ଜୀବାଣୁ ଆକ୍ରମଣରୁ ରକ୍ଷା କରିଥାଏ । ଏବର ସମୟରେ ସାମୁଦ୍ରିକ



ସାଧାରଣତଃ ସାମୁଦ୍ରିକ ଚିଙ୍ଗୁଡ଼ିର ବୃଦ୍ଧି ନିମନ୍ତେ ଅଧିକାଂଶ ଗବେଷଣା ଘରୋଇ ପଦ୍ଧତି ଜନ୍ମିତ ଅଂଶୁଜୀବାଣୁ ବ୍ୟବହାର କରି ହୋଇଥାଏ । ଯାହାହେଉ ଏଇ ଘରୋଇ ପର୍ଯ୍ୟବେଶିତ ପ୍ରଣାଳୀ ଅଣୁଜୀବାଣୁ ଏବଂ ଶୈବାଳ ମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଅତିରିକ୍ତ ଅମ୍ଳଜାନ ଦରକାର ହୋଇଥାଏ । ଏତଦବ୍ୟତୀତ ସାମୁଦ୍ରିକ ଚିଙ୍ଗୁଡ଼ି ମଧ୍ୟ ଅଣୁଜୀବାଣୁ ଶୈବାଳ ମାନଙ୍କ ସହ ଆବଶ୍ୟକୀୟ ଅମ୍ଳଜାନ ଦରକାର । ଏଇ ପଦ୍ଧତି ସାଧାରଣତ ଉପାୟରେ ହେଉଥିବା ସାମୁଦ୍ରିକ ଚିଙ୍ଗୁଡ଼ି ଚାଷ ପ୍ରଣାଳୀ ଅପେକ୍ଷା ଅଧିକ ଅମ୍ଳଜାନ ଆବଶ୍ୟକ କରିଥାଏ। ଯାହା ଫଳରେ ଏହା ଅମ୍ଳଜାନ ଦ୍ରବିଭୂତ ପ୍ରଣାଳୀର



ବିଜ୍ଞାନ ମିହିର ରାଉତ

ଖର୍ଚ୍ଚକୁ ଦୂରୀଭୂତ କରିଥାଏ । ଏହାପରେ ମଧ୍ୟ ବୟୋଫ୍ଲୋକ ପ୍ରଣାଳୀରେ ଉପଯୁକ୍ତ ଖାଦ୍ୟ ଉପଯୋଗ ଚାଷ ହେଉଥିବା ଜଳଗୀବମାନଙ୍କର ଚାରି ଖାଇବା ନୀତି ଉପରେ ନିର୍ଭରଶୀଳ ଥାଏ । ବର୍ତ୍ତମାନ ଯୁଗରେ ବୈଜ୍ଞାନିକ ମାନେ ବାୟୋଫ୍ଲୋକ କୌଶଳକୁ ଜଳଜୀବ ମାନଙ୍କର ପୋଷଣ ତତ୍ତ୍ୱରେ ଖାଦ୍ୟ ଶୃଙ୍ଖଳ ଭାବରେ ବ୍ୟବହାର କରୁଛନ୍ତି । ବର୍ତ୍ତମାନ ଦେଖାଯାଉଛି ଯେ ସାମୁଦ୍ରିକ ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ଖାଦ୍ୟରେ ଫିସ୍ ମିଲ ଏକ ମୁଖ୍ୟ ଉପାଦେୟର ଭୂମିକା ନେଉଛି । ଯେଉଁଥିପାଇଁ ବ୍ୟବହୃତ ମାଛ ଖାଦ୍ୟର ବଜାର ମୂଲ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଣୁ ଉପଯୁକ୍ତ ପ୍ରୋଟିନ୍ ପରିମାଣକୁ ବଢ଼ାଇ ରଖି ଏକ ବିକଳ୍ପ ପ୍ରୋଟିନ୍‌ର ଉତ୍ସ ଖୋଜି ପାଇବ । ଜଳଜୀବ ପାଳନ ଶିଳ୍ପ ଆଜି ଏକ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ରବିନ୍ଦୁ । ଗବେଷଣାରୁ ଜଣା ପଡ଼ିଛି ସୋୟାବିନ୍ ଜାତୀୟ ପଦାର୍ଥ ଫିସ୍ ମିଲକୁ ପୁନଃ ସ୍ଥାପନ କରେ ଯାହାକି ପ୍ରୋଟିନ୍ ଓ ଖଣିଜ ଲବଣରେ ଭରପୁର ଅଟେ ଏବଂ ଚିଙ୍ଗୁଡ଼ି ମାନଙ୍କର ଏକ ପ୍ରମୁଖ ଖାଦ୍ୟ ଅଟେ ।



ଚିଙ୍ଗୁଡ଼ି ମାନଙ୍କର ଉତ୍ପାଦନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯାହା କେବଳ ବୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମ୍ଭବ ହୋଇପାରିଛି ଏବଂ ସେ ଏହା ଦର୍ଶାଇଥିଲେ ଯେ ବାୟୋଫ୍ଲୋକ ୭୫ ରୁ ୮୦ ଶତକଡ଼ା ପ୍ରୋଟିନ୍ ଏବଂ ପୋଷାକତ୍ତ୍ୱ ଧାରଣ କରିଥାଏ । ଜଳଜୀବମାନଙ୍କ ଖାଦ୍ୟରେ ପ୍ରୋଟିନ୍‌ର ପରିମାଣ ମୁଖ୍ୟତଃ ଅମିନୋଆସିଡ୍‌ର ପରିମାଣ ଉପରେ ନିର୍ଭର କରିଥାଏ । ଏହି ବାୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦେଖାଏ ଯେ ଜଳଜୀବ ବିଜ୍ଞାନ ଉତ୍ପାଦନ ବୃଦ୍ଧିହେବା ସହିତ ପରିବେଶ ଉପରେ ପଡୁଥିବା ଅନାବଶ୍ୟକ ବ୍ୟବସ୍ଥାର ହ୍ରାସ ଘଟେ । ବୟୋଫ୍ଲୋକରେ ଥିବା ପୋଷକତ୍ତ୍ୱ ମୁଖ୍ୟତଃ ଚିଙ୍ଗୁଡ଼ିମାନଙ୍କର ପ୍ରଧାନ ଖାଦ୍ୟ ଭାବେ ବ୍ୟବହୃତ ହୁଏ । ଏକ ପୋଷକତ୍ତ୍ୱ ସର୍ଭେରୁ ଜଣାପଡ଼ିଛି ଯେ ବାୟୋଫ୍ଲୋକରେ ୧୨୦ ଗ୍ରାମ/କେଜି ପ୍ରୋଟିନ୍ ଏବଂ ଫ୍ୟାଟିଆସିଡ୍ ୨୦ ଗ୍ରାମ/କେଜି ଥାଏ । ବୟୋଫ୍ଲୋକ ମୁଖ୍ୟତଃ ୨୯.୧% ନାଇଟ୍ରୋଜେନ ୩୯.୨% ଜୀବାଣୁ ଏବଂ ୮.୩% ଫାଇବର, ୪.୭% ଫାଟିଆସିଡ୍ ଧାରଣ କରିଥାଏ । ଜୀବାଣୁର ପରିମାଣ ଯେତେ ବୃଦ୍ଧି ପାଇଥାଏ ସାମୁଦ୍ରିକ ଚିଙ୍ଗୁଡ଼ିମାନଙ୍କର ବୃଦ୍ଧି ସେତେ ହୋଇଥାଏ । ୨୦ଟି ଆମିନୋଆସିଡ୍ ମଧ୍ୟରୁ ବାୟୋଫ୍ଲୋକ ମୁଖ୍ୟତଃ ୪ଟି ଫ୍ୟାଟିଆସିଡ୍‌କୁ ଗ୍ରହଣ କରିଥାଏ । ସେଗୁଡ଼ିକ ହେଉଛି ପଲମିଟିକ୍ ଏସିଡ୍, ଲିନୋଲେଇକ ଏସିଡ୍, ଓରେଇକ ଏସିଡ୍ ।

ମତ୍ସ୍ୟବିଜ୍ଞାନ,
ଏମ.ଏସ୍. ସ୍ୱାମୀନାଥନ କୃଷି
ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ହାଇଡ୍ରୋପନିକ୍ସ : ଅମଳ ଓ ଆତ୍ମନିର୍ଭରଶୀଳର ନୂଆ ସୋପାନ



ଆଜିକାଲିର ଯୁବଗୋଷ୍ଠୀ ଚାଷ କାର୍ଯ୍ୟ ପାଇଁ ବିମୁଖ। କିନ୍ତୁ ଯଦି କମ ସମୟରେ ଅଧିକ ଅମଳ କରିହେବାର କିଛି ଉପାୟ ଆସେ , ତେବେ ସେଥିପାଇଁ ସମସ୍ତେ ବ୍ୟଗ୍ର ହୋଇଉଠନ୍ତି। ଠିକ୍ ସେମିତି କୃଷି କ୍ଷେତ୍ରରେ ଏକ ଅଭିନବ ଉପାୟ ହାଇନ୍ରୋଫନିକ୍ସ। ବିନା ମାଟିରେ ଫସଲ ଉତ୍ପାଦନ କରିବାର ଏକ ନିଆରା ଉପାୟ। ପୋଷକତତ୍ତ୍ୱକୁ ସିଧାସଳଖ ଗଛରେ ପ୍ରୟୋଗ କରାଯାଏ। ଯାହା ଫଳରେ ଚେର ଆବଶ୍ୟକୀୟ ପୋଷକତତ୍ତ୍ୱକୁ ଗ୍ରହଣ କରିପାରେ। ଅଧିକାଂଶ ସ୍ଥାନରେ ଏହାକୁ ଯୁବବର୍ଗ ବିଆପଣେଇଲେଣି । ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିରେ ଆରମ୍ଭ ହୋଇଛି ଏହି ହାଇଡ୍ରୋଫନିକ୍ସ ଫାର୍ମ। ପାଳଙ୍ଗ , ଟମାଟୋ, ବନ୍ଧାକୋବି ପରି ପରିବା ଉତ୍ପାଦନ କରି ଏହା ଏବେ ବେଶ ଚର୍ଚ୍ଚାରେ।



## ଚିନାବାଦାମ ଫସଲରେ ଗଳାପଚା ରୋଗ ବ୍ୟାପୁଥିଲେ ସମାଧାନ :

ବିହନ ଜମିରେ ବୁଣିବା ପୂର୍ବରୁ ବିହନକୁ କବକ ନାଶକ ୩ ଗ୍ରାମ ଥିରାମ କିମ୍ବା ୧.୫ ଗ୍ରାମ କାରବେଣ୍ଡଜୀମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।

* ଜମିରେ ୧.୫ ଗ୍ରାମ କାରବେଣ୍ଡାଜୀମ କିମ୍ବା ୩.୫ ଗ୍ରାମ ମାନକୋଜଏ ପ୍ରତି ଲିଟର ପାଣିରେ ମିଶାଇ 'ସଳର ମୂଳ ଅଂଶରେ ଓ ମୂଳ ପାଖରେ ଥିବା ମାଟିରେ ସିଞ୍ଚନ କରନ୍ତୁ ।
* ଗଛ ଚାରା ଅବସ୍ଥାରେ ଥିବା ସମୟରେ ଜଳସେଚନ ନିୟନ୍ତ୍ରଣ କରନ୍ତୁ ।

## ଧାନରେ ମହିସା ରୋଗ ବ୍ୟାପୁଥିଲେ ସମାଧାନ

ଧାନ ବିହନକୁ ପ୍ରଥମେ ଥିରାମରେ ବୁଡ଼େଇ ରଖାଯିବା ଦରକାର ।

- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ।
-ଏହି ରୋଗ ପ୍ରତିରୋଧ କ୍ଷମ କିସମ ବ୍ୟବହାର କରିବା ।
- କିଆରୀରେ ଥିବା ଅନାବନା ଘାସକୁ ଉପାଡ଼ିଦେବା ଆବଶ୍ୟକ ।

## ପଂଚଗବ୍ୟର ପ୍ରସ୍ତୁତି :

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି ।

ପ୍ରଣାଳୀ :

୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଇ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ୍ୟ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ ହୋଇଥାଏ । ଜର୍ସି ଗାଈ ଅପେକ୍ଷା ଦେଶୀଗାଈର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁଫଳ ମିଳିଥାଏ ।

# ଡାଲିଜାତୀୟ ଫସଲର ମୁଖ୍ୟ ରୋଗ ଓ ତାର ପ୍ରତିକାର

ଅଭିନନ୍ଦିତା ସାହୁ

ଓଡ଼ିଶାର ଚାଷ କରାଯାଉଥିବା ମୁଖ୍ୟ ଡାଲି ଜାତୀୟ ଫସଲ ମାନଙ୍କ ମଧ୍ୟରେ ହରଡ଼, ମୁଗ, ବିରି, ବୁଟ, ମଟର, କୋଳଥ, ମସୁର ଅନ୍ୟତମ ।

ଡାଲି ଜାତୀୟ ଫସଲରେ ହେଉଥିବା ମୁଖ୍ୟ ରୋଗ ମାନଙ୍କ ମଧ୍ୟରେ ଝାଉଁଳା ରୋଗ, ପାଉଁଶିଆ ରୋଗ, କଳଙ୍କି ରୋଗ, ସାହେବୀ ରୋଗ ଆଦି ଅନ୍ୟତମ ।

**ଝାଉଁଳା ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ହରଡ଼ ଓ ବୁଟ ଫସଲର ମୁଖ୍ୟ ରୋଗ ଅଟେ । ଏହି ରୋଗର ପ୍ରଥମ ଅବସ୍ଥାରେ ଗଛରୁ ପତ୍ର ଗୁଡ଼ିକ ହଳଦିଆ ପଡ଼ିବା ଆରମ୍ଭ କରେ ଏବଂ ଶେଷରେ ସମ୍ପୂର୍ଣ୍ଣ ଝାଉଁଳି ପଡ଼ି ମରିଯାଏ । ଆକ୍ରାନ୍ତ ଗଛର କାଣ୍ଡକୁ କାଟି ଦେଖିଲେ କାଣ୍ଡର ଭିତର ଅଂଶରେ କଳା ଗାର ଗାର ଦାଗ ଦେଖାଯାଏ ।


ପ୍ରତିକାର :

- ହରଡ଼ ଫସଲର ଝାଉଁଳା ରୋଗରୁ ରକ୍ଷା ପାଇବା ପାଇଁ ସୋରଗମ୍ ସହ ମିଶ୍ରିତ ଚାଷ କରନ୍ତୁ ।
- ଖରାଟିଆ ଗଭୀର ଚାଷ କରନ୍ତୁ ।
- ରୋଗ ପୋକ ନିରୋଧକ ଓ ସହନଶୀଳ ବିହନ କର୍ବାଚନ କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ବିହନକୁ କୀଟନାଶକ କାର୍ବେଣ୍ଡାଜିମ୍ କିମ୍ବା ଥିରାମ ୩ ଗ୍ରାମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ । କିମ୍ବା ଜୈବ ବିଶୋଧକ ଟ୍ରାଇକୋଡ଼ର୍ମା ୪ ଗ୍ରାମ ପ୍ରତି କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।
- ଜମିରେ ରୋଗ ଦମନ ନିମନ୍ତେ ଏକର ପ୍ରତି ୩୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ ।



**ପାଉଁଶିଆ ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ମୁଗ ଓ ବିରି ଫସଲର ଏକ ମୁଖ୍ୟ ରୋଗ । ଏହି ରୋଗର ପତ୍ର ଉପରେ ଧଳା ପାଉଁଶ ରଙ୍ଗର କବକ ମାଡ଼ିଯାଏ । ଫଳରେ ପତ୍ର ଶୁଖିଯାଏ ।



**ପ୍ରତିକାର :**

- ସହନଶୀଳ ବିହନ ବ୍ୟବହାର କରନ୍ତୁ ।
- ଏକ ଏକର ପ୍ରତି ୧ କିଗ୍ରା ସଲଫର କିମ୍ବା ୩୦୦ ଗ୍ରମେ କାର୍ବେଣ୍ଡାଜିମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସହପ୍ରାଧ୍ୟାପିକା, ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ-୭୮୯୪୯୧୧୮୩୦

# ମୋ ସହର

## ପବିତ୍ର ରଥଯାତ୍ରା ଉପଲକ୍ଷେ ଶ୍ରୀ ଜଗନ୍ନାଥ ଭକ୍ତି ସଂଗୀତ ସମାରୋହ : 'ଗୁହାରି' ଉଦ୍‌ଘାଟିତ

ଭୁବନେଶ୍ୱର ,(ପି.ଏନ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି'ର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ଭିତରେ ଆରମ୍ଭ ହୋଇଯାଇଅଛି । ଏହି ତିନି ଦିନିଆ ସଙ୍ଗୀତ କାର୍ଯ୍ୟକ୍ରମରେ ରାଜ୍ୟର ବିଶିଷ୍ଟ କଣ୍ଠଶିଳ୍ପୀମାନେ ଯୋଗଦାନ କରୁଅଛନ୍ତି । ପବିତ୍ର ରଥଯାତ୍ରା ସମୟରେ ଏହି ଉତ୍ସବ ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତକୁ ଲୋକ ଲୋଚନକୁ ଆଣି ତାର ପ୍ରଚାର ଓ ପ୍ରସାର କରିବା । ଉଦ୍‌ଘାଟନୀ ଉତ୍ସବର ଅତିଥିମାନେ ଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ; ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ୟାମାମଣୀ ଦେବୀ; ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୁଦନ ଦାସ; ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ପ୍ରବୋଧ କୁମାର ରଥ; ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର । ଶ୍ରୀ ଜଗନ୍ନାଥ ହେଉଛନ୍ତି ସାରା ବିଶ୍ୱର ଲୋକ ଶ୍ରେଷ୍ଠ ପୁରୁଷୋତ୍ତମ । ସେ ଜଗତର ନାଥ, ଓଡ଼ିଆ ଜାତିର ମୂଳପିଣ୍ଡ । ତାଙ୍କର ମହିମା ତ୍ରିପୁର ବ୍ୟାପ୍ତ, ବେଦ ଠାରୁ ପୁରାଣ ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥଙ୍କ ସଂପର୍କରେ ଅସଂଖ୍ୟ ଚମତ୍କାର ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ । ଏହି ବ୍ରହ୍ମାଣ୍ଡ ଠାକୁର ଦାରୁଦେବତାଙ୍କ ରଥଯାତ୍ରା ମହାତ୍ମ୍ୟ ଖୁବ୍ ବିଶ୍ୱ ବ୍ୟାପି ଅଟେ । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ତିନି ଠାକୁର ବିରାଜିତ ରଥ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନରେ ସୃଷ୍ଟିର ସକଳ ଦେବାଦେବୀଙ୍କ ଠାରୁ ଗ୍ରହ, ନକ୍ଷତ୍ର, ଋଷି, ଗନ୍ଧର୍ବ, ଯକ୍ଷ, ହନୁମାନ ଓ ଅର୍ଜୁନଙ୍କ ପରି ଶ୍ରେଷ୍ଠ ଭକ୍ତଗଣ ସ୍ଥାନ ପାଇ ଆସିଛନ୍ତି, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ହରିବୋଲ, ହୁଳ ହୁଳି, ନୃତ୍ୟ ସଙ୍ଗୀତ, ବାଦ୍ୟ ଶଂଖ, ଘଣ୍ଟ ଧ୍ୱନିରେ ବଡ଼ଦାଣ୍ଡରେ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ରଥକୁ ଟାଣି ନିଅନ୍ତି ଭକ୍ତଗଣ । ଏହି ପାବନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅଭିନବ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ 'ଗୁହାରି' ଆୟୋଜନ ଅତ୍ୟନ୍ତ ଉଚ୍ଚାଭିଳାଷ ପଦକ୍ଷେପ । ପ୍ରଥମ ସଂଧ୍ୟାର ପ୍ରଥମ କଣ୍ଠଶିଳ୍ପୀ ଥିଲେ ସୁବାସ ଦାଶ ସେ ନିଳାଦ୍ରି ବିହାରୀ କଟକେ ଅଟକ ଓ ତୋର ଶରଣ ଗଲିରେ ମୁରଲି ଗାୟନ କରିଥିଲେ ପରେ ପରେ ମିନତୀ ଭଞ୍ଜ ପୁରାତନ ରଚନାରୁ ସରିଗଲି ହେ ଜଗନ୍ନାଥ ଓ ବାବା ବୈକୁଣ୍ଠ ନାଥଙ୍କ ରଚନା ବଡ଼ ଠାକୁର ହେ ବେଳ ଆସି ଶେଷ ହୋଇଗଲା ଗାୟନ କରିଥିଲେ । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ବିଜୟ ଜେନାଙ୍କ ଦ୍ୱାରା ତୁମେ ଅନୁଭବର ଠାକୁର ଓ କେଡ଼େ ମଧୁର ତୁମ ନାମ ରସ, ଶୁଭଦ୍ରା ଶୁଭଦର୍ଶିନୀଙ୍କ ଦ୍ୱାରା ଜୟ ଜୟ ଜଗନ୍ନାଥ ଓ ମଣିମା ଶୁଣିବା ହେଉ ଗରିବ ଡ଼ାକ, ସ୍ୱାଧୀନ କୁମାର ପ୍ରଧାନଙ୍କ ଦ୍ୱାରା ଦୁଃଖନାଶନ ହେ ସୁଖ ନ ପାଇଲି ଦିନେ ଓ ଆହେ ନୀଳ ଶୈଳ, ପ୍ରିୟଦର୍ଶିନୀ ସାହୁଙ୍କ ଦ୍ୱାରା ଦେରେ କାଳିଆ ଦେ ତୋ ପାଦେ ଶରଣ ଦେ ଓ କାହାକୁ ମୁଁ କରିବଇଁ ସାକ୍ଷୀରେ ଚକାଆଖି, ପଙ୍କଜ ଜାଲଙ୍କ ଦ୍ୱାରା କେତେ ନାଟ ଲଗେଇଚ ଓ ଦୟାକର ଦିନବନ୍ଧୁ, କ୍ଷଣପ୍ରଭା ବିଶୋଇଙ୍କ ଦ୍ୱାରା ଦୀନବନ୍ଧୁ ଦୈତାରୀ ଦୁଃଖ ନ ଗଲା ମୋହରି ଓ ବୃନ୍ଦାବନେ ବଂଶୀ କେ ବଜାଇଲା, ମାତୃପ୍ରସାଦ ଦାଶଙ୍କ ଦ୍ୱାରା ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ ଓ ଆହେ ଦିନବାନ୍ଧବ ଏତିକି ମାଗୁଣି ମୋର ଏବଂ ଶେଷରେ ଲକ୍ଷ୍ମୀପ୍ରିୟା ନାୟକଙ୍କ ଦ୍ୱାରା ସହୀ ହେଲାଣି ସାହାଣ ମେଳା ଓ ଚକାଡ଼ୋଳା ଠାକୁର ପରିବେଶିତ ହୋଇଥିଲା । ଶ୍ରୀ ଜଗନ୍ନାଥଙ୍କ ଉପରେ ଆଧାରିତ ଶିଳ୍ପୀମାନଙ୍କର ଭକ୍ତିପୁତ ସଙ୍ଗୀତ ପରିବେଶଣ ବେଶ୍ ଶ୍ରୁତିମଧୁର ଥିଲା ଯାହାକୁ ଦର୍ଶକ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ବେଶ୍ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମଟିକୁ ସଂଚାଳନ କରିଥିଲେ ଡ଼. ଶ୍ରୀନିବାସ ଘଟୁଆରୀ ।




## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ : ଏନ୍‌ଫୋର୍ସମେଂଟକୁ ଜୋରଦାର ତଥା କଡ଼ାକଡ଼ି କରିବା ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀଯୁକ୍ତ ବିମଳେନ୍ଦୁ ରାୟଙ୍କ ଅଧକ୍ଷତା ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଂଚଳିକ ପରିବହନ ବିଭାଗ ଦ୍ୱାରା ଆହୁତ ଏହି ବୈଠକ ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅମରେଶ ପଣ୍ଡା , ଜିଲ୍ଲା ପରିବହନ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଜେନା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ରମେଶ ଚନ୍ଦ୍ର ସ୍ୱାଇଁ ,ଏସ ଇ ପି ଡବ୍ଲୁ ଡି ଇଂ ଦାମୋଦର କୈବର୍ତ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜାତୀୟ ରାଜପଥ ଅଧିକାରୀ ବିମଳ ମହାପାତ୍ର, ଜିଲ୍ଲା ଘରୋଇ ବସ ମାଲିକ ସଂଘ ପ୍ରତିନିଧି ପୁରୁଷୋତମ ପାଣିଗ୍ରାହୀ, ରେଆର ପ୍ରତିନିଧି ଅଞ୍ଜଳି ନେଗୀ,ସାମ୍ବାଦିକ ସ୍ୱାଧୀନ ମେହେର, ମୃତ୍ୟୁଞ୍ଜୟ ଶତପଥୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜୁନିଅର ଏମ ଭି ଆଇ ଲୋକନାଥ ନାୟକ,ବିଭାଗୀୟ ଅଧିକାରୀ, କମିଟି ସଦସ୍ୟ ସଦସ୍ୟା ପ୍ରମୁଖ ଯୋଗ ଦେଇ ଜିଲ୍ଲାରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁକୁ ହ୍ରାସ କରିବା ଉପରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ରାସ୍ତା ଗୁଡିକର ଭିତିଭୂମିକୁ ବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱାରୋପ କରି ଜିଲ୍ଲକ୍ଷ ଅନ୍ତର୍ଗତ ରାଜ୍ୟ ରାଜପଥ ତଥା ଜାତୀୟ ରାଜପଥରେ ଥିବା ବୁଲାଣୀ ଓ ଦୁର୍ଘଟଣା ପ୍ରବଣ ସ୍ଥାନ, ରାସ୍ତା ସଂଲଗ୍ନ ସ୍କୁଲ, ଚିହ୍ନଟ ଦୁର୍ଘଟଣା ପ୍ରବଣ ରାସ୍ତା, ବ୍ଲାକ ସ୍ପଟ ପ୍ରଭୃତି ସମ୍ବେଦନଶୀଳ ସ୍ଥାନ, ଅଂଚଳରେ ବିଶେଷ ସୂଚନା ଫଳକ ସହ ଆଲୋକୀକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ସହ ପିଚୁ ରାସ୍ତା ଉପରେ ଲୁହାଚକ ଟ୍ରାକ୍ଟର ଚାଳନା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ତଥା ଅଧକ୍ଷ ପରାମର୍ଶ ଦେଇଛନ୍ତି କ୍ଷ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀମାନଙ୍କ ପାଇଁ ବ୍ୟବହୃତ ହେଉଥିବା ସମସ୍ତ ଯାନବାହାନ ଗୁଡିକ ମୋଟର ଯାନ ଆଇନ ମୁତାବକ ବ୍ୟବସ୍ଥିତ, ନାବାଳକ ଛାତ୍ର ଛାତ୍ରୀଙ୍କ ଗାଡିଚାଳନା ଉପରେ ଆବଶ୍ୟକ ଦୃଷ୍ଟି ଦେବାକୁ ବୈଠକରେ ଆଲୋଚନା ହୋଇଥିଲା । ନାବାଳକ ଛାତ୍ର ଛାତ୍ରୀ ଗାଡି ଚାଳନାକୁ ଅଭିଭାବକ ସହ ସ୍କୁଲ କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଏଥିନିମନ୍ତେ ସ୍କୁଲ ଓ ମହାବିଦ୍ୟାଳୟ ଗୁଡିକରେ ଆବଶ୍ୟକ ସଚେତନତା କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ସହରାଂଚଳ ଓ ବ୍ୟସ୍ତ ବହୁଳ ଗାଡି ଚଳାଚଳ ରାସ୍ତା ଉପରେ ବିଶେଷ ଧ୍ୟାନ ଦେଇ ଆବଶ୍ୟକ ସିସିଟିଭି ଲଗାଇ ବେନିୟମ ଓ ଅବ୍ୟବସ୍ଥିତ ଗାଡି ଚାଳକଙ୍କୁ ଚିହ୍ନଟ ସହ ଜୋରିମାନା କରିବା ଉପରେ ଆଲୋଚନା କରାଯାଇଛି କ୍ଷ ଗ୍ରାମୀଣ ରାସ୍ତାରୁ ଜାତୀୟ ରାଜପଥ କୁ ସଂଯୋଗ କରୁଥିବା ରାସ୍ତାରେ ସୂଚନା ଫଳକ ଓ ସ୍ପିଡ଼ ବ୍ରେକର ଲଗାଇବାକୁ ଜିଲ୍ଲାପାଳ ଶ୍ରୀ ରାୟ ସମ୍ପୃକ୍ତ ଏନ ଏଚ, ପୀଡବ୍ଲୁଡି ଓ ଆର ଡି ବିଭାଗ ଅଧିକାରୀ ଙ୍କୁ ପରାମର୍ଶ ଦେଇଛନ୍ତି ।

## ଜିଲ୍ଲା କଳାକାର ସଂଘ ପକ୍ଷରୁ ସଂସ୍କୃତି ଅଧିକାରୀଙ୍କ ବଦଳି ଦାବି

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲା କଳାକାର ସଂଘ ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ବଦଳି ଦାବି କରାଯାଇଛି । ଜିଲ୍ଲା ସଂସ୍କୃତି ଅଧିକାରୀ ଜିଲ୍ଲାର କଳାକାର ମାନଙ୍କ ପ୍ରତି ଦୁଃବ୍ୟବହାର କରିବା ସହିତ ସେମାନଙ୍କ କୌଣସି କାର୍ଯ୍ୟ ନକରିବା, ବରିଷ୍ଠ କଳାକାରମାନଙ୍କୁ ସମ୍ମାନ ନଦେବା ଆଦି ଅଭିଯୋଗ କରାଯାଇଛି । ଦର୍ଘ ୮ ମାସ ହେଲା କଳାକାରମାନଙ୍କ ଭତା ପଡି ରହିଛି । ବର୍ଷକୁ ୨୦ଥର ସଂସ୍କୃତି ଅଧିକାରୀ କଳାକାରମାନଙ୍କ ଜୀବିତ ପ୍ରମାଣପତ୍ର ମାଗୁଛନ୍ତି । କଳାକାର ମାନେ ତାଙ୍କ ସହିତ କଥାବାର୍ତା ହେଲାବେଳେ ସଂସ୍କୃତି ଅଧିକାରୀ କୌଣସି ସନ୍ତୋଷ ଜନକ ଉତର ଦେଉନଥିବା ଏବଂ ସେମାନଙ୍କ କଥାକୁ ବେଖାତିର କରୁଥିବା ସଂଘ ପକ୍ଷରୁ ଅଭିଯୋଗ କରି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଅଭିଯୋଗ ପାଇବା ପରେ ସଂସ୍କୃତି ଅଧିକାରୀଙ୍କ ସହ ଆଲୋଚନା କରି କଳାକାର ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବେବୋଲି କଳାକାର ମାନଙ୍କୁ ପ୍ରତିଶୃତି ଦେଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଗଗନ ବିହାରି ସିଂହ, ଗୋବିନ୍ଦ ଚନ୍ଦ୍ର ବାରିକ, ଗଙ୍ଗାଧର ରାୟ, ଏକାମ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଇଣ୍ଡୋ –ୟୁଏସ୍ ଗ୍ଲୋବାଲ ଚ୍ୟାଲେଞ୍ଜ୍ ଇନଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ କାର୍ଯ୍ୟ କରିବ :ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ) ଭାରତୀୟ ଏବଂ ଆମେରିକୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ରଣନୈତିକ ଭାଗିଦାରୀକୁ ମଜଭୂତ୍ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ନେଇଥିବା ନିଷ୍ପତିକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ ଏ ସମ୍ପର୍କରେ ଟ୍ୱିଟ୍ କରି କହିଛନ୍ତି ଯେ ଭାରତ ଏବଂ ଆମେରିକା ଦ୍ୱାରା ନିକଟରେ ଆରମ୍ଭ ହୋଇଥିବା ଇନିସିଏଟିଭ୍ ଅଣ୍ଡ୍ କ୍ରିଟିକାଲ ଆଣ୍ଡ୍ ଏମରଜିଂ ଟେକ୍ନୋଲୋଜି(ଆଇସିଇଟି) ଦୁଇ ଦେଶର ଭାଗିଦାରୀରେ ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରିବ । ଭାରତ ଏବଂ ଆମେରିକାରେ ବିଶେଷ କରି ଯୁବ ପ୍ରତିଭା ତଥା ନୂତନ ଯୁଗର ଜ୍ଞାନକୌଶଳ ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସମନ୍ୱୟ ମୂଳକ ଗବେଷଣା ଓ ବିକାଶ କେନ୍ଦ୍ର ପ୍ରଦାନ କରିବ ।ଶ୍ରେଷ୍ଠ ଆଇଆଇଟି ଏବଂ ଆଇଆଇଏସସିକୁ ସାମିଲ କରି ଆସୋସିଏନ ଅଫ୍ ଆମେରିକା ୟୁନିଭରସିଟି ପକ୍ଷରୁ ଜଏଣ୍ଟ୍ ଟାସ୍କଫୋର୍ସ ଗଠନ ନେଇ ମଧ ଆଲୋଚ୍ନା ହୋଇଛି । ଏହି ଦୁଇ ନେତାଙ୍କ କଳ୍ପନାକୁ ସାକାର କରିବା ଦିଗରେ ଭାରତର ଶିକ୍ଷା ମନ୍ତ୍ରଣାଳୟ ସେମିକଣ୍ଡକ୍ଟର, ସ୍ଥାୟୀ କୃଷି, ସ୍ୱଚ୍ଛ ଇନ୍ଧନ, ସ୍ୱାସ୍ଥ୍ୟ, ମହାମାରୀ ପାଇଁ ପ୍ରସ୍ତୁତି ଓ ଉଭା ହେଉଥିବା ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ଗବେଷଣା ଭାଗିଦାରୀ ଓ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଗଭୀର କରିବା ପାଇଁ ଇଣ୍ଡୋ-ୟୁଏସ ଗ୍ଲୋବାଲ ଚ୍ୟାଲେଞ୍ଜ୍ ଇନଷ୍ଟିଚ୍ୟୁଟ୍ ସ୍ଥାପନ କରିବା ପାଇଁ କାର୍ଯ୍ୟ କରିବ ।ଶିଳ୍ପ ସଂସ୍ଥାର ସହଯୋଗ, ବିଶେଷଜ୍ଞ ଓ ଷ୍ଟାର୍ଟଅପର ଅନ୍ତର୍ଭୁକ୍ତିକରଣ ସହିତ ଏହି ଔପଚାରିକ ଭାଗିଦାରୀ ସୃଜନଶୀଳ ଚିନ୍ତାଧାରା,

## ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ଦାବୀରେ ୧୨ ଘଂଟିଆ ବଲାଙ୍ଗୀର ବନ୍ଦ

ବଲାଙ୍ଗୀର,(ପି.ଏନ): ରାଜ୍ୟ ଓ କେନ୍ଦ୍ରରେ ଥିବା ସରକାର ନାରୀ ସଶକ୍ତିକରଣ ଓ ନାରୀ ସୁରକ୍ଷାକୁ ନେଇ ଅନେକ ବାହାସ୍ଫୋଟ ମାରୁଛନ୍ତି । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଉଭୟ ସରକାର ନାରୀଙ୍କୁ ସମ୍ମାନ ଦେବାତ ଦୁରର କଥା ନିର୍ଯ୍ୟାତିତ ନାରୀଙ୍କୁ ନ୍ୟାୟ ପ୍ରଦାନ କରିବାରେ ଫେଲ ମାରୁଛନ୍ତି । ସ୍ନେହଲତା ଛତ୍ରିଆ ହେଉ କି ନିରୁପମା ନନ୍ଦ ଘଟଣା, ଆଶା ମେହେର ହେଉ କି ପୁଜା ଜୈନ ଘଟଣା କୌଣସି ଗୋଟିଏ କ୍ଷେତ୍ରରେ ପିଡିତା ହୁଅନ୍ତୁ କି ପିଡିତା ପରିବାର ଆଜି ପର୍ଯ୍ୟନ୍ତ ନ୍ୟାୟ ପାଇନାହାନ୍ତି । ନାଁକୁ ମାତ୍ର ଦେଶରେ ସିବିଆଇ ଓ ରାଜ୍ୟରେ କ୍ରାଇମ ବ୍ରାଂଚ ତଦନ୍ତ କରୁଛି ବୋଲି ଅଯଥା ସରକାର ଡିଂଡିମ ପିଟୁଛନ୍ତି । କିନ୍ତୁ ଫଳ ସଂପୁର୍ଣ୍ଣ ଶୁନ । କୌଣସି ଗୋଟିଏ ଘଟଣାରେ ଉଭୟ ସଂସ୍ଥା ନିର୍ଯ୍ୟାଶ ପର୍ଯ୍ୟନ୍ତ ପହଂଚି ପାରିନ ଥିବା ବେଳେ ପିଡିତା ଓ ପରିବାର ନ୍ୟାୟ ଅପେକ୍ଷାରେ ଚାହିଁ ରହିଛନ୍ତି । ଏଣୁ ଆଜି ବଲାଙ୍ଗିରରେ ପଶ୍ଚିମ ଓଡିଶା ସଂଗଠନ ଦ୍ୱାରା ପିଡିତା ଓ ନିର୍ଯ୍ୟାତିତାମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବଲାଙ୍ଗିର ବନ୍ଦ ର ଡାକରା ଦେଇଥିଲେ । ବଲାଙ୍ଗୀର ନଗର କଂଗ୍ରେସ ଏହି ଡାକରାକୁ ସମର୍ଥନ ଜଣାଇଥିବା ବେଳେ ବନ୍ଦଟି ଅଭୂତପୁର୍ବ ଜନ ସମର୍ଥନ ସହିତ ଶାନ୍ତିପୁର୍ଣ୍ଣ ଭାବେ ପାଳିତ ହୋଇଯାଇଛି ।

ସକାଳୁ ବିଭିନ୍ନ ମହିଳା ସଂଗଠନ, ଗରୀବ ସେନା, ଜିଲ୍ଲା ଦଳିତ ସଂଗଠନ, ଲକ୍ଷେଘର ଗଣ୍ଡା ସମାଜ, ଶ୍ରମିକ ସଂଗଠନଙ୍କ ସହିତ ନଗର କଂଗ୍ରେସ ଏକ ର୍ୟାଲି ମାଧ୍ୟମରେ ପିକେଟିଂ କରି ଖୋଲାଥିବା ଦୋକାନ ବଜାର, ବ୍ୟାଙ୍କ, ସ୍କୁଲ ଓ ସରକାରୀ ବେଶରକାରୀ ଅନୁଷ୍ଠାନ ବନ୍ଦ କରିଥିଲେ । ବଲାଙ୍ଗିର ସିଭିଲ କୋର୍ଟ କୁ ଯାଇ କୋର୍ଟକାର୍ଯ୍ୟ ବନ୍ଦ କରିବାକୁ ଜିଲ୍ଲା ଜଜଙ୍କୁ ଅନୁରୋଧ କରିଥିଲେ । ପରେପରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ସମର୍ଥକଙ୍କୁ ନେଇ ଏକ ବିକ୍ଷେବ ସମାବେଶ ଅନୁଷ୍ଠିତ ହୋଇଥିଲା । ପଶ୍ଚିମ ଓଡିଶା ମହିଳା ସଂଗଠନର ସଭାନେତ୍ରୀ ସବିତା ନନ୍ଦ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବିକ୍ଷୋଭ ସଭାରେ ରାଜ୍ୟରେ ଚହଳ ଶୃଷ୍ଟି କରିଥିବା ସ୍ନେହଲତା ହତ୍ୟାକାଣ୍ଡରେ ପିଡିତା ନ୍ୟାୟ ନପାଇବା ଏବଂ ପରବର୍ତି ସମୟରେ ନିରୁପମା, ଆଶା ମେହେର, ପୁଜା ଜୈନ ଓ ଅଦ୍ରିଜା ମଞ୍ଜରି ସିଂ ଦେଓ ନିର୍ଯ୍ୟାତନା ଘଟଣାରେ ସରକାର ଓପୋଲି ପ୍ରଶାସନର ଭୂମିକାକୁ ନେଇ କଟୁ ସମଲୋଚନା କରିଥିଲେ । ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ଦେଶରେ ଓଡିଶା ବର୍ତମାନ ନାରୀ ନିର୍ଯ୍ୟାତନା କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କଲାଣି ବୋଲି କହିବା ସହ ବଲାଙ୍ଗିର ରାଜ ପରିବାର ଦ୍ୱାରା ନିର୍ଯ୍ୟାତିତ ବୋହୁ ଅଦ୍ରିଜା ମଞ୍ଜରି ସିଂ ଦେଓ ଉତରାଖଣ୍ଡ ପୋଲିସରେ ଅଭିଯୋଗ ପତ୍ର ଦାଖଲ ଏବଇ ବଲାଙ୍ଗିର ପୋଲିସ ଅଧିକ୍ଷକଙ୍କ ନିଜ ବଲାଙ୍ଗିର ଘରକୁ ଅସିବାକୁ ପୋଲିସ ସୁରକ୍ଷା ମାଗିଥିଲେ ହେଁ ଆଜି ପର୍ଯ୍ୟନ୍ତ ତାଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ତାଙ୍କୁ ସୁରକ୍ଷା ଯୋଗାଇ ନଦେବା, ରାଜ୍ୟ ସରକାରଙ୍କ ନାରୀଙ୍କୁ ସମ୍ମାନ ଦେବା ନାରା ଏକ ଫମ୍ପା ଆବାଜ ବୋଲି କହିଥିଲେ । ଅନ୍ୟ ବକ୍ତା ସାନନ୍ଦ ମିଶ୍ର ଓ ଅସିତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ବାଲ୍ୟବନ୍ଧୁ ଓ ତାଙ୍କ ପରିବାର ପୁର୍ବତନ ପ୍ରଧାନମନ୍ତ୍ରୀଙ୍କ ନାତୁଣି ଅଦ୍ରିଜା ମଞ୍ଜରି ନିର୍ଯ୍ୟାତନା ଘଟଣାରେ ସାମିଲ ଥିବାରୁ ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଗୃହ ବିଭାଗ ଘଷ୍ଟ ଗୋଡାଉ ନାହିଁ ତ ବୋଲି ପ୍ରଶ୍ନ କରିଥିଲେ । ଗରିବ ସେନାର ବିରେନ୍ଦ୍ର ବାଗ ରାଜ୍ୟ ସରକାରଙ୍କ ନାରୀଙ୍କ ପ୍ରତି ଅବହେଳାକୁ ଅସମ୍ମାନ କହିବା ସହ ସରକାରଙ୍କ କଡା ସମାଲୋଚନା କରିଥିଲେ । ଆଗାମୀ ଦିନରେ ଏସବୁ ସମସ୍ୟାର ସମାଧାନ ନହେଲେ ମହିଳାମାନେ ନବୀନ ନିବାସ ଘେରିବାକୁ ପଛାଇବେ ନାହିଁ ବୋଲି ସଭାନେତ୍ରୀ ଶ୍ରୀମତି ନନ୍ଦ କହିଥିଲେ । ସେହିପରି ଲକ୍ଷେଘର ଗଣ୍ଡା ସମାଜର ଦ୍ରୋଣ କୁମ୍ଭାର ଏହି ଆନ୍ଦୋଳନ ଅଗାମୀ ଦିନରେ ମଧ ଜାରି ରହିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପାଦିକା ସୁଷମା ବଏ,ଦଳିତ ନେତା ଜ୍ୟୋତିଶ ମୁଗ୍ରୀ, ଏକ୍ସ କମିଟିର ଗୋପାଳଜୀ ପାଣୀଗ୍ରାହୀ, ଶ୍ରମିକ ନେତା ବିଭୁତି ମିଶ୍ର, ନାରୀ ନେତ୍ରୀ ନୁତନ ଦାଶ, ଲିଲି ପଟେଲ, କଂଗ୍ରେସ ନେତା ମନୀଷ ମିଶ୍ର, ସନ୍ତକ ବହିଦାର, ବୁଲୁ ଦାନୀ ଓ ଜୁଲୁ ପଟ୍ଟନାୟକ ଉପସ୍ଥିତ ଥିଲେ । ଗଣ୍ଡାବଜା ପତ୍ରିକାର ସଂପାଦକ ତ୍ରିଲୋଚନ ନନ୍ଦ ସଭା ପରିଚାଳନା କରିଥିଲେ ।







2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Saturday June 24, 2023 ଭୁବନେଶ୍ୱର ଶନିବାର, ଜୁନ ୨୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବିଜେଡ଼ିର ଲିଗାଲ ସେଲ୍ ବିଭାଗର ମୁଖ୍ୟ ଦିଗ୍‌ଦର୍ଶକ ତଥା ପୂର୍ବତନ ହାଇକୋର୍ଟ ବାର ଆସୋସିଏସନର ସଭାପତି ଗୋପାଳ କୃଷ୍ଣ ମହାନ୍ତି କଂଗ୍ରେସ ଦଳରେ ଯୋଗଦେଲେ



ଭୁବନେଶ୍ୱର,(ପି.ଏନ): ଆଜି ଅପରାହ୍ଣରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡ଼ିର ଲିଗାଲ ସେଲ୍ ବିଭାଗର ମୁଖ୍ୟ ଦିଗ୍‌ଦର୍ଶକ ତଥା ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ସଭାପତି ଗୋପାଳ କୃଷ୍ଣ ମହାନ୍ତି ବିଜେଡ଼ି ଦଳ ଛାଡ଼ି କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବରେ ଯୋଗ ଦେଲେ। ଏହି ପରିପ୍ରେକ୍ଷିରେ ଶ୍ରୀ ମହାନ୍ତି କହିଲେ ଯେ, ୧୯୭୭ ମସିହାରୁ ଜନତା ଦଳ ଏବଂ ପରବର୍ତ୍ତି ପର୍ଯ୍ୟାୟରେ ବିଜେଡ଼ି ଦଳରେ ଶୃଙ୍ଖଳାର ସହ କାର୍ଯ୍ୟ କରୁଥିଲେ। ଏବେ ସେ ଅନୁଭବ କଲେ ଯେ, ବିଜେଡ଼ି ଏକ ରାଜନୈତିକ ଦଳ ହୋଇ ନାହିଁ ବରଂ ଏକ କର୍ପୋରେଟ୍ ବଡ଼ି ଭାବରେ କାର୍ଯ୍ୟ କରୁଛି। ତେଣୁ ନିଜର ସ୍ୱାଭିମାନକୁ ରକ୍ଷା କରିବା ପାଇଁ ସେ ବିଜୁ ଜନତା ଦଳକୁ ତ୍ୟାଗ କଲେ। କଂଗ୍ରେସର ନୀତି ଆଦର୍ଶ, ଜାତୀୟ ଏକତା ଏବଂ ରାହୁଲ ଗାନ୍ଧୀଙ୍କର ଭାରତ ଯୋଡ଼ ଯାତ୍ରା ବିଶେଷ କରି ତାଙ୍କୁ ପ୍ରଭାବିତ କରିଥିଲା। ସେ ସାମ୍ବାଦିକମାନଙ୍କର ପ୍ରଶ୍ନର ଉତର ଦେଇ ସ୍ପଷ୍ଟ କରି କହିଥିଲେ ଯେ, କ୍ଷମତା ଲୋଭରେ ମୁଁ କଂଗ୍ରେସ ଦଳରେ ଯୋଗଦେଇ ନାହିଁ। ବରଂ ସାଧାରଣ ଜନତାର ସେବା ପରିବା ପାଇଁ ମୁଁ କଂଗ୍ରେସ ଦଳରେ ଯୋଗ ଦେଇଛି। ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଶ୍ରୀଯୁକ୍ତ ମହାନ୍ତିଙ୍କ ଯୋଗଦାନ କଂଗ୍ରେସ ସଂଗଠନକୁ ସମୃଦ୍ଧ ଓ ବୁଦ୍ଧିମନ୍ତ କରିବ। ପିସିସି ମିଡ଼ିଆ ସେଲ୍‌ର ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ପରିଚାଳନା କରିଥିବାବେଳେ ଆଇନ୍‌ଜୀବି ବିଶ୍ୱ ରନ ମାର୍ଥା, ଶ୍ରୀ ମହାନ୍ତି ଓ ଅନ୍ୟାନ୍ୟ ଆଇନ୍‌ଜୀବିଙ୍କ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ପ୍ରାୟ ୩୦ ରୁ ଉର୍ଦ୍ଧ ଆଇନ୍‌ଜୀବି ଶ୍ରୀ ମହାନ୍ତିଙ୍କ ସହ ଆଜି କଂଗ୍ରେସ ଦଳରେ ଯୋଗ ଦେଲେ ଏବଂ ପରିବର୍ତ୍ତି ସମୟରେ ଶହ ଶହ ଆଇନ୍‌ଜୀବି କଂଗ୍ରେସ ଦଳରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। କଂଗ୍ରେସ ଦଳ ପକ୍ଷରୁ ଶ୍ରୀ ମହାନ୍ତି ଓ ଅନ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ବିଜୟଲକ୍ଷ୍ମୀ ସାହୁ, ସୁରେଶ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ରଶ୍ମି ମହାପାତ୍ର, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମନୋରନ ଦାସ, ୟାସିର ନୱାଜ, ଜିଆ ଉଲ୍‌ହକ୍, ଶ୍ରୀନିବାସ ରାଉତରାୟ, ତରୁଣ ମିଶ୍ର, ପ୍ରକାଶ ମିଶ୍ର, ନାରାୟଣ ଚନ୍ଦ୍ର ଜେନା, ରଜନୀ ମହାନ୍ତି, ବାଙ୍କନିଧି ବେହେରା, ଅମିତ ମହାନ୍ତି, ନିଶିକାନ୍ତ ମିଶ୍ର, ଦିପକ ମହାପାତ୍ର, ଅମୀୟ ପାଣ୍ଡବ, ନିଶିକାନ୍ତ ମିଶ୍ର, ରବୀନ୍ଦ୍ର ଆଚାର୍ଯ୍ୟ, ମିହିର ଆଚାର୍ଯ୍ୟ, ପ୍ରଭାତ ପ୍ରତାପ ସିଂ, ରଣଜିତ ପାତ୍ର, ମୁଶ୍ରୀ କଳ୍ପନା ରାଉତରାୟ ଓ କୃଷ୍ଣଚନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଞ୍ଚଳିକ ଯୋଜନା ପ୍ରଯୁକ୍ତି ଅର୍ଥନୀତି ଓ ପରିସଂଖ୍ୟାନ ଅନୁଷ୍ଠାନର ନିର୍ଦ୍ଦେଶକ ପଦ ଖାଲି

ଭୁବନେଶ୍ୱର,(ପି.ଏନ) : ଓଡ଼ିଶା ସରକାରଙ୍କ ଅଧିନରେ ଥିବା ଯୋଜନା ଓ ସଂଯୋଜନା ବିଭାଗର 'ଆଞ୍ଚଳିକ ଯୋଜନା ପ୍ରଯୁକ୍ତି, ଅର୍ଥନୀତି ଓ ପରିସଂଖ୍ୟାନ ଅନୁଷ୍ଠାନ (RIPAE&S)' କାର୍ଯ୍ୟକାରୀ ହେଉଅଛି । ଏ ସଂସ୍ଥାର ମୁଖ୍ୟ ହେଲେ ପ୍ରିନ୍ସିପାଲ୍ । ଗତ ଜୁଲାଇ ୨୦୧୭ ପରଠାରୁ ସରକାର ଏହି ପଦବୀକୁ ଅପ୍‌ଗ୍ରେଡ୍ କରି ନିର୍ଦ୍ଦେଶକ ପଦରେ ପରିଣତ କଲେ । ଏହା ପରଠାରୁ ଅର୍ଥାତ୍ ୩୧ ମାର୍ଚ୍ଚ ୨୦୧୮ ରୁ ୩୧ ମଇ ୨୦୨୨ ଯାଏଁ ନିୟମିତ ଭାବେ ନିର୍ଦ୍ଦେଶକ କାର୍ଯ୍ୟ କରିଆସୁଥିଲେ । ମାତ୍ର ଡକ୍ଟର ମିତା ଦାସଙ୍କ ଅବସର ଗ୍ରହଣ ପରଠାରୁ ଏ ସଂସ୍ଥାରେ କେହି ନିୟମିତ ନିର୍ଦ୍ଦେଶକ ଯୋଗ ଦେଇନାହାଁନ୍ତି । ଏହାଦ୍ୱାରା କର୍ମଚାରୀ ମହଲରେ ଅସନ୍ତୋଷ ସୃଷ୍ଟି ହେବା ସହ ସରକାରୀ ଅନୁଷ୍ଠାନଟି ସ୍ଥାଣୁ ଅବସ୍ଥାକୁ ଆସିଗଲାଣି । ଆମ ସରକାରଙ୍କର ୫-ଟି' ଅଧିନରେ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଜଓଟଇଉଝ ରେ ନିର୍ଦ୍ଦେଶକ ପଦବୀ ପୂରଣ କରାନଯିବା ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି ।

## ଜିନ୍ଦଲ ଷ୍ଟେନଲେସ ତରଫରୁ ବ୍ୟାଟେରୀ ଚାଳିତ ଯାନ ଲୋକାର୍ପଣ



ଦାନଗଦି (ପି ଏନ୍) : ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ କଳିଙ୍ଗନଗର ତରଫରୁ ଦୁଇଟି ବ୍ୟାଟେରୀ ଚାଳିତ ଗାଡି ପୁରୀ ରେଳ ବିଭାଗ କର୍ତ୍ତୃପକ୍ଷ ଙ୍କୁ ହସ୍ତାନ୍ତର କରାଯାଇଅଛି । ଏହି ବ୍ୟାଟେରୀ ଚାଳିତ ଯାନ ବୟସ୍କ, ଦିବ୍ୟାଙ୍ଗ ଓ ରୋଗାକ୍ରାନ୍ତ ତୀର୍ଥଯାତ୍ରୀମାନଙ୍କୁ ବିନା ମୂଲ୍ୟରେ ନେବା ଆଣିବା କରିବାରେ ସହାୟକ ହୋଇପାରିବ । ଏହି ବ୍ୟାଟେରୀ ଚାଳିତ ଯାନ କୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼, କଳିଙ୍ଗନଗରର ସାମାଜିକ ଦାଇତ୍ୱବୋଧ ବିଭାଗର ମୁଖ୍ୟ ଶ୍ରୀଯୁକ୍ତ ସୁକାନ୍ତ କୁମାର ରଥ, ଲଜିଷ୍ଟିକ ବିଭାଗର ଶ୍ରୀଯୁକ୍ତ ଅରବିନ୍ଦ ଦ୍ୱିବେଦୀ, ଏବଂ ସାମାଜିକ ଦାଇତ୍ୱବୋଧ ବିଭାଗର ସଞ୍ଜୟ କୁମାର ମହାନ୍ତି ପୁରୀ ରେଳ ବିଭାଗର ଶ୍ରୀ ଏସ କେ ପାଢ଼ୀ - ସିନିଅର ଚିଫ ଡିପୋଟ ଅଫିସର (ମେକାନିକାଲ), ଡା. ମନୋଜ ବରହାଟ ଫତେସିଂହ- ଆସିଷ୍ଟାଣ୍ଟ କମର୍ସିୟାଲ ମ୍ୟାନେଜରଙ୍କୁ ପବିତ୍ର ରଥଯାତ୍ରା ଅବସର ରେ ହସ୍ତାନ୍ତର କରିଥିଲେ । ଏହି ଅବସରରେ ସିଏସଆର ମୁଖ୍ୟ ଶ୍ରୀଯୁକ୍ତ ସୁକାନ୍ତ କୁମାର ରଥ କମ୍ପାନୀର ଏହି ପ୍ରୟାସ ନୈନ୍ଦିନ ଶତାଧିକ ଯାତ୍ରୀଙ୍କୁ ବିନା ବାଧା ରେ ଯାତାୟାତ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଗାଡି ସମ୍ପୂର୍ଣ୍ଣ ଭାବେ ପୁରୀ ରେଳ ବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଳିବ ବୋଲି ଶ୍ରୀଯୁକ୍ତ ରଥ ଘୋଷଣା କରିଥିଲେ ଏବଂ ଏହାର ରକ୍ଷଣାବେକ୍ଷଣ ଆସନ୍ତା ୫ ବର୍ଷ ପାଇଁ ଦେୟମୁକ୍ତ ରହିବ । ପୁରୀ ରେଳ ବିଭାଗ ର ଉଚ୍ଚପଦସ୍ଥ ଅଧିକାରୀମାନେ ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ କଳିଙ୍ଗନଗରଙ୍କ ଏହି ଜନହିତକର କାର୍ଯ୍ୟକ୍ରମ କୁ ଭୂୟସୀ ପ୍ରଶଂସା କରିଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷଙ୍କର ଏହି ପଦକ୍ଷେପ ଜଗନ୍ନାଥପ୍ରେମୀ ଭକ୍ତମାନଙ୍କ ଯାତାୟାତକୁ ସୁଗମ କରିବା ବୋଲି ଆଶା କରାଯାଏ ।

## ମେଡ଼ିକାଲ ଛକରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଯାପିତ

ଫୁଲନଖରା, (ପି.ଏନ):ସଦର ଥାନା ନଗରୀ ପଞ୍ଚାୟତ ଅନ୍ତର୍ଗତ ମହୀଧରପଡ଼ା ମେଡ଼ିକାଲ ଛକରେ ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମା ମଙ୍ଗଳା ନାଟ୍ୟ ସଂସଦ ମହୀଧରପଡ଼ା-ଖଣ୍ଡାଗର ଆନୁକୂଲ୍ୟରେ ସାମାଜିକ ନାଟକ 'ଜଗା କୋଠରୀରେ ବିଚାର ନାହିଁ' ଏବଂ 'ଘର ଭାଙ୍ଗିଗଲା ପର କଥାରେ' ମଞ୍ଚସ୍ଥ ହୋଇଥିଲା। ସଦର ଥାନା ଅଧିକାରୀ ରଶ୍ମିରଂଜନ ମହାପାତ୍ର ଏହାକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲାବେଳେ ସମାଜସେବୀ ଲଳିତକୁମାର ରଥଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା; ଏଥିରେ ସାମ୍ବାଦିକ ଲଳିତକୁମାର ଦାଶ, ଏସିପି ଚନ୍ଦନ ଘଡ଼େଇ, ବାରଙ୍ଗ ବ୍ଲକ ବିଜେଡ଼ି ସଭାପତି ଗୋଲେଖଚନ୍ଦ୍ର ପାତ୍ର, ଟିଟନ ସାହୁ, ପ୍ରଶା'କୁମାର ଦାଶ, ସରପଞ୍ଚ ନରୋତ୍ତମ ଦାସ, ହିମାଂଶୁଶେଖର ଦାଶ, ଅଶୋକ ରଥ ଓ ଦୁର୍ଗାଚରଣ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କଳାକାର ଓ ମୁରବିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବିଜେପି ପକ୍ଷରୁ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳତ

ଭୁବନେଶ୍ୱର,(ପି.ଏନ):ଭାରତୀୟ ଜନ ସଂଘର ସଂସ୍ଥାପକ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ରୟାଲ କୁଇନ ଠାରେ ପାଳିତ ହୋଇଯାଇଛି ।ଏଥିରେ ଜାମ୍ମୁ କାଶ୍ମୀରର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ କବିନ୍ଦର୍ ଗୁପ୍ତାଙ୍କ ସମେତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପ୍ରସାଦ ଦାସ ଓ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।ଏଥିସହିତ ଭାରତମାତା ପ୍ରତି ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଥିବା ପ୍ରଖଣ୍ଡ ରାଷ୍ଟ୍ରଭକ୍ତି ସଂପର୍କରେ ଆଲୋକପାତ କରିଥିଲେ ।ସେ ମାନବତାର ଉପାସକ, ବିଶିଷ୍ଟ ଶିକ୍ଷାବିତ ଓ ଭାରତୀୟ ଜନସଂଘର ସଂସ୍ଥାପକ ସହିତ ତାଙ୍କର "ଏକ ଦେଶ ମେ ଦୋ ନିସାନ ଦୋ ବିଧାନ ଦୋ ପ୍ରଧାନ ନହିଁ ଚଲେଗା" ସ୍ଲୋଗାନକୁ ବର୍ତ୍ତମାନ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହା ବାସ୍ତବତାରେ ସାକାର କରିଛନ୍ତି ବୋଲି କହିଥିଲେ । ତେଣୁ ଏହି 'ବଳିଦାନ ଦିବସ' ଅବସରରେ ସମସ୍ତ ନେତୃବୃନ୍ଦ ଦେଶ ପ୍ରତି ଥିବା ନିଜର ଦାୟୀତ୍ୱବୋଧକୁ ସୁଚାରୁ ରୂପେ ତୁଲାଇବାକୁ କାର୍ଯ୍ୟକର୍ତା ମାନଙ୍କୁ ଆହ୍ୱାନ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭାନା ମହାନ୍ତି ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଭୁବନେଶ୍ୱର,(ପି.ଏନ): ଗାଡକଣ ସହରାଞ୍ଚଳ ସ୍ୱାସ୍ଥ୍ୟସେବା କେନ୍ଦ୍ର ଓ ସିଏଫଆର ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଭାଗିତାରେ ମଞ୍ଚେଶ୍ୱର ରେଳବାଇ ଉଚ୍ଚ ବିଦ୍ୟାଳୟ ଠାରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ୧୨ ନମ୍ବର ଓ୍ୱାର୍ଡର କର୍ପୋରେଟର ଜୟନ୍ତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ଜିଲ୍ଲା ସମ୍ପାଦକ ପ୍ରସନ୍ନ କୁମାର ସାହୁ, ବସନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଉନ୍ନତ ମାନର ସେବା ଯୋଗାଇଥିଲେ ।ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ବହୁ ସଂଖ୍ୟାରେ ଯୋଗଦାନ କରି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମସ୍ତଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା।

## ଉତ୍ତରାଞ୍ଚଳ ସମୁଦ୍ର ପଥର ବିକାଶ ସମ୍ଭାବନା ଉପରେ ଏସ୍‌ପିଆଇଇଏଫ୍ ୨୦୨୩ରେ ଆଲୋଚନା



ନୂଆଦିଲ୍ଲୀ: ଆର୍କଟିକ ପରିଷଦର ଅଧ୍ୟକ୍ଷ ଭାବରେ ରୁଷିଆ ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରୁଥିବାବେଳେ ସେଣ୍ଟ ପିଟର୍ସବର୍ଗ ଆନ୍ତର୍ଜାତିକ ଅର୍ଥନୈତିକ ଫୋରମ୍‌ଠାରେ 'ଉତ୍ତରାଞ୍ଚଳ ସାମୁଦ୍ରିକ ପଥ: ଫଳାଫଳ ଓ ଯୋଜନା' ଶୀର୍ଷକରେ ଆୟୋଜିତ ଏକ ଅଧିବେଶନରେ ଉତ୍ତରାଞ୍ଚଳ ସାମୁଦ୍ରିକ ପଥର ଦୀର୍ଘସ୍ଥାୟୀ ବିକାଶ, ଏହାର ଭବିଷ୍ୟତ ସମ୍ଭାବନା ଏବଂ ବରଫସ୍ତୁପ ଭଙ୍ଗା ଜାହାଜ ଦୃଷ୍ଟିରୁ ରୁଷିଆ କମ୍ପାନୀଗୁଡିକର ଆବଶ୍ୟକତା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ରୋସ୍‌କଂଗ୍ରେସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ଅଧିବେଶନରେ ମତ ପ୍ରକାଶ ପାଇଥିଲା ଯେ ଉତ୍ତରାଞ୍ଚଳ ସାମୁଦ୍ରିକ ପଥ ହେଉଛି ଏସୀୟ ବଜାର ପାଇଁ ପ୍ରଥମ ଓ ପ୍ରଧାନ ପଥ ଏବଂ ଏହା ବିଶ୍ୱ ପଣ୍ୟ ପରିବହନ ବ୍ୟବସ୍ଥାର ଅଂଶବିଶେଷ। ଏହି ପଥରେ ମର୍ମନସ୍କଠାରୁ ସାଂଘାଇ ଦୂରତା ୭ହଜାର କିଲୋମିଟର ହୋଇଥିବାବେଳେ ଜିବ୍ରାଲଟର ଏବଂ ସୁଏଜ କେନାଲ ଦେଇ ସାଂଘାଇରୁ ମର୍ମନସ୍କ ୧୨,୫୦୦ କିଲୋମିଟର। ସେହି ଦୃଷ୍ଟିରୁ ଉତ୍ତରାଞ୍ଚଳ ସାମୁଦ୍ରିକ ପଥର ନିରାପତ୍ତା, ପ୍ରଦର୍ଶନ ଏବଂ ଦୀର୍ଘସ୍ଥାୟିତ୍ୱ ସୁନିଶ୍ଚିତ କରିବାର ଗୁରୁତ୍ୱ ସମ୍ପର୍କରେ ସହଭାଗୀମାନେ ଅଧିକ ସଚେତନ ହେଉଛନ୍ତି। ଏହା ବିଶ୍ୱ ପଣ୍ୟ ପରିବହନ ନିମନ୍ତେ ନୂତନ ମାର୍ଗ ଏବଂ ଭବିଷ୍ୟତର ପରିବହନ କରିଡର ହେବାକୁ ଯାଉଛି। ତାହାସତ୍ତ୍ୱେ ଏଠାରେ କେତେକ ସମସ୍ୟା ରହିଛି। ତାହା ହେଉଛି ଏଠାକାର ଜଳରାଶିରେ ବରଫ ଚଟାଣ ଏବଂ ଏହି ପଥରେ ଯାତ୍ରା କରିବାକୁ ଲାଗୁଥିବା ସମୟ। ବରଫକୁ କାଟି କିଭଳି ନିରାପଦରେ ଆଗକୁ ଯାତ୍ରା କରିହେବ ତାହା ଜଣାଅଛି ବୋଲି ରୁଷିଆର ଆଣବିକ ଶକ୍ତି ନିଗମରେ ଆର୍କଟିକ ଅଞ୍ଚଳର ବିକାଶ ପାଇଁ ଥିବା ସ୍ୱତନ୍ତ୍ର ପ୍ରତିନିଧି ରୋସାଟୋମ୍ ଭ୍ଲାଡିମିର ପାନୋଭ କହିଥିଲେ। ରୁଷିଆର ସୁଦୂର ପ୍ରାଚ୍ୟ ଏବଂ ଆର୍କଟିକ ଅଞ୍ଚଳର ବିକାଶ ପାଇଁ ଥିବା ଉପମନ୍ତ୍ରୀ ଗାଝିମାଗୋମେଦ୍ ଗୁସେନୋଭ କହିଥିଲେ, ବିଶ୍ୱସ୍ତରୀୟ ଲଜିଷ୍ଟିକ୍ସ ଯୋଗାଡ କରିବା କ୍ଷେତ୍ରରେ ପରିବର୍ତ୍ତନ ଘଟୁଛି ଏବଂ ଏସିଆ ଓ ୟୁରୋପ ମଧ୍ୟରେ ସମସ୍ତ ପଣ୍ୟ ପରିବହନ ପାରମ୍ପରିକ ଲଜିଷ୍ଟିକ୍ସ ପଥରେ କରାଯିବା ଅସମ୍ଭବ ହୋଇପଡିବ। ସେ କହିଥିଲେ ଯେ, ରୁଷିଆର ଦହନଯୋଗ୍ୟ ଗ୍ୟାସ୍ ଭଣ୍ଡାର ମଧ୍ୟରୁ ୭୫% ଆର୍କଟିକ ଅଞ୍ଚଳରେ ରହିଛି ଏବଂ ଉତ୍ତରାଞ୍ଚଳ ସାମୁଦ୍ରିକ ପଥ ଏକ ପରିବହନ ଶୃଙ୍ଖଳ ଭାବରେ ଏହି ଅଞ୍ଚଳରୁ ପଣ୍ୟସାମଗ୍ରୀ ରୁଷିଆର ସୁଦୂର ଉତ୍ତର ଭାଗକୁ ରପ୍ତାନି କରିବା ନିମନ୍ତେ ସୁଯୋଗ ଯୋଗାଇଦେବ। ସେଥିପାଇଁ ଆର୍କଟିକ ଉପକୂଳ ସମେତ ଅନ୍ୟାନ୍ୟ ସ୍ଥାନରେ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ଓ ବିକାଶର ଆବଶ୍ୟକତା ରହିଛି। ତାହାସହିତ ଆର୍କଟିକରେ ଅନ୍ତର୍ଦେଶୀୟ ଜଳପଥ, ବନ୍ଦର ଭିତ୍ତିଭୂମି ଏବଂ ଜାହାଜ ଆଦି ସମ୍ପର୍କରେ ଆଲୋଚନା କରାଯାଉଛି। ରୁଷିଆ ସରକାର ଇତିମଧ୍ୟରେ ବହୁସଂଖ୍ୟକ ଜାହାଜ ପାଇଁ ବରାଦ ଦେଇସାରିଛନ୍ତି ଏବଂ ଏହାଦ୍ୱାରା ଏହି ଶିଳ୍ପ ଉପରେ ସକାରାତ୍ମକ ପ୍ରଭାବ ପଡିବ। ସୁଏଜ କେନାଲରେ ୨୦୨୧ରେ କଣ୍ଟେନର ଦୁର୍ଘଟଣା ହେବାପରେ ତାହା ସାମୟିକ ଭାବରେ ଜାହାଜ ଚଳାଚଳ ଅନୁପଯୋଗୀ ହୋଇପଡିବାରୁ ଉତ୍ତରାଞ୍ଚଳ ସାମୁଦ୍ରିକ ପଥ ବିକାଶର ଗୁରୁତ୍ୱ ସମ୍ପର୍କରେ ସାସାକାଓ୍ୱା ପିସ୍ ଫାଉଣ୍ଡେସନର ଓସନ୍ ପଲିସୀ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଗବେଷଣାକାରୀ ସାକିକୋ ହାତାୟା ଉଲ୍ଲେଖ କରିଥିଲେ। ସେ କହିଥିଲେ, ବର୍ଷତମାମ ଉତ୍ତରାଞ୍ଚଳ ସାମୁଦ୍ରିକ ପଥକୁ ବ୍ୟବହାର କରାଯାଇପାରିବ, ସେଥିପାଇଁ ପ୍ରଯୁକ୍ତି ଉପଲବ୍ଧ ହେଉଛି। ଏବେ ଅଧିକରୁ ଅଧିକ ରାଷ୍ଟ୍ର ଏହି ପଥକୁ ଜାହାଜ ଚଳାଚଳ ନିମନ୍ତେ ବିକଳ୍ପ ଭାବରେ ବ୍ୟବହାର କରିବାକୁ ବିଚାର କରୁଛନ୍ତି। ଏହି ଆଲୋଚନାରେ ଯୋଗ ଦେଇଥିବା ଅନ୍ୟମାନଙ୍କ ମଧ୍ୟରେ ନରିଲସ୍କ ନିକେଲରେ ଥିବା ସଂଘୀୟ ଓ ଆଞ୍ଚଳିକ କାର୍ଯ୍ୟକ୍ରମସମୂହର ଭାଇସ ପ୍ରେସିଡେଣ୍ଟ ଆନ୍ଦ୍ରେ ଗାସେଭ, ନୋଭାଟେକ୍ ମ୍ୟାନେଜମେଣ୍ଟ ବୋର୍ଡ ଡେପୁଟି ଚେୟାରମ୍ୟାନ ଏଡୁଆର୍ଡ ଗୁଦ୍‌କୋଭ, ଆର୍କଟିକ ଆଣ୍ଡ ଆଣ୍ଟାର୍କଟିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ଡାଇରେକ୍ଟର ଆଲେକ୍‌ଜାଣ୍ଡର ମାକାରୋଭ, ଜିଡିକେର ଜେନେରାଲ ଡାଇରେକ୍ଟର ବେମ୍‌ସକାୟା ଜିଓର୍ଜି ଫୋଟିନ ପ୍ରମୁଖ ଅନ୍ତର୍ଭୁକ୍ତ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray